ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଅଗଷ୍ଟ, ୨୦୨୩



# ବ୍ଲକ୍ କାର୍ଯ୍ୟାଳୟ ଘେରିଲା କଂଗ୍ରେସ



ଯାଜପୁର ବ୍ଲକ୍ କଂଗ୍ରେସ କର୍ମୀମାନେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରୁଛନ୍ତି।

ଯାଜପୁର ଟାଉନ/ ଯାଜପୁର ସଦର, ୧୮।୮(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି/ ସମର ବିଜୟ ଶରଣ)

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବିପତ୍ର

ଯାଜପୁର ବ୍ଲକ୍ କଂଗ୍ରେସ୍ କମିଟି ସଭାପତି ଗଦାଧର ଦାସଙ୍କ ସଭାପତିତ୍ୱରେ ଶୁକ୍ରବାର ଯାଜପୁର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବା ସହ ସେଠାରେ ଏକ ପ୍ରତିବାଦ ସଭା କରାଯାଇଛି। ଏଥିସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୯ ଦଫା ଦାବିପତ୍ର ବିଡିଓ ସୌରଭ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଛି।

ବ୍ଲକ୍‌ରେ ପିସି କାରାବାର, ଆବାସ ଯୋଜନାରେ ଦୁର୍ନୀତି, ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ନାରୀ ନିର୍ଯାତନା, ଚାଷୀ ମାରଣ ନୀତି ଓ ଟାଟା କମ୍ପାନୀ ତରଫରୁ ଖାଉଟି ବିରୋଧୀ ବିଜୁଳି ନୀତି ବିରୋଧରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ସରକାରଙ୍କ ଶାସନ କାଳ ମଧ୍ୟରେ ଜଳସେଚନ ପାଇଁ କେନାଲ ଖୋଳାଯାଇ ପାରିନାହିଁ। ଚାଷୀଙ୍କ କାଳିଆ ଟଙ୍କାକୁ ଅଣଚାଷୀ ନେଇଯାଉଛନ୍ତି। କଂଗ୍ରେସ ଅମଳରେ ପ୍ରତିଷ୍ଠା କରାଯାଇଥିବା ଶିଳ୍ପ ଗୁଡ଼ିକୁ ଶାଗ ମାଛ ଦରରେ ବିକ୍ରି କରାଯାଉଛି। ଆବାସ ଯୋଜନାରେ ଦୁର୍ନୀତିର ଚେର ପ୍ରତ୍ୟେକ ପଞ୍ଚାୟତକୁ ମାଡ଼ିଯାଇଛି। ପ୍ରକୃତ ହିତାଧିକାରୀ ରାଶନକାର୍ଡ ପାଉ ନ ଥିବାବେଳେ ବିଜେଡି କର୍ମୀଙ୍କ ଘରେ ୪/୫ଟି ରାଶନ କାର୍ଡ ଥିବା କଂଗ୍ରେସ କର୍ମୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟଗୁଡ଼ିକ ରୂପାନ୍ତରିତ କ୍ଷେତ୍ରରେ ବିପୁଳ ଟଙ୍କା ହରିଲୁଟ୍ ହୋଇଛି। ପରିବା ଦର ଆକାଶଛୁଆଁ ହେଉଛି। ଟାଟା କମ୍ପାନୀ ବକେୟା ବିଲ୍ ଆଦାୟ ନାମରେ ଖାଉଟିଙ୍କୁ ଶୋଷଣ କରୁଥିବା ହେତୁ ଉପସ୍ଥିତ ନେତୃ ମଣ୍ଡଳୀମାନେ ପ୍ରତିବାଦ କରିଥିଲେ। ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ସନ୍ତୋଷ ନନ୍ଦ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ବଳଭଦ୍ର ଦାସ, ଦିଗମ୍ବର କର, ବିଳାସ ରାଉତରାୟ, ବିଭୂତି ମହାପାତ୍ର, ସନ୍ତୋଷ ବେହେରା, ହୃଷୀକେଶ ପତି, ଦୁର୍ଯ୍ୟୋଧନ ବେହେରା, ଦିଲୀପ ଦାସ, ନାରାୟଣ ଚନ୍ଦ୍ର ସାମନ୍ତ, ଅକ୍ଷୟ ଶତପଥୀ ଓ ପ୍ରଦୀପ ବେହୁରିଆଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ଦୃଢ଼ ପ୍ରତିବାଦ କରିଥିଲେ। ଭରତ ଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।

# ଦୁର୍ନୀତି ବିରୋଧରେ ଦାବିପତ୍ର

ବରୀ, ୧୮।୮(ମହେନ୍ଦ୍ର ସ୍ୱାଇଁ)



କଂଗ୍ରେସ ନେତା ଓ କର୍ମୀମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବରୀ ବ୍ଲକ୍ କଂଗ୍ରେସ ତରଫରୁ ୯ ଦଫା ଦାବି ନେଇ ଶୁକ୍ରବାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ନମିତା ବାରିକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ବ୍ଲକ୍ କାର୍ଯ୍ୟାଳୟରେ ଚାଲୁଥିବା ପିସି କାରବାର ବନ୍ଦ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନିୟମିତତାର ତଦନ୍ତ, ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତକୁ ପ୍ରଦାନ କରାଯାଇଥିବା ୫୦ ଲକ୍ଷ ଅନୁଦାନ ରାଶିକୁ ଗ୍ରାମ ସଭା ମାଧ୍ୟମରେ ପ୍ରକଳ୍ପ ଅନୁମୋଦନ କରିବା ଓ ବେକାର ଯୁବତୀଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ ସହ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗମାନଙ୍କ ଅଧିକାର କ୍ଷୁଣ୍ଣ ନ କରିବାକୁ ଉଲ୍ଲେଖ କରାଯାଇଛି। ବ୍ଲକ୍ କଂଗ୍ରେସ ସଭାପତି ମନୋଜ ଦାସ, ବରୀ ନିର୍ବାଚନମଣ୍ଡଳୀ ଯୁବ ସଭାପତି ଅପୂର୍ବ ସାମଲ, ଇଂ. ଅମରେଶ ପରିଡ଼ା, ଆରତି ଦେଓ, ଦେବେନ୍ଦ୍ର ପ୍ରଧାନ, ନନ୍ଦକିଶୋର ସେନାପତି, ରବୀନ୍ଦ୍ର ଦଳାଇ, ସୁବାସ ସେଠୀ, ବିଜୟ ଜେନା, ପ୍ରତାପ ସାହୁ, ସୁମନ ସାହାଣୀ, ଶରତ ଜେନା, ମାନସ ପରିଡ଼ା ଓ ମାଗୁଣୀ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି।

# ୯ ଦଫା ଦାବିରେ ବ୍ଲକ ଘେରାଉ

ସିଂହପୁର, ୧୮।୮(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ୯ ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିସହିତ ବିଡିଓଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଇଛି। ବିଞ୍ଝାରପୁର କଂଗ୍ରେସ ସଂଗଠକ ଚନ୍ଦ୍ର ଶେଖର ଧଳ, ରାଜ୍ୟ ମହିଳା କଂଗ୍ରେସ ନେତ୍ରୀ କନକଲତା ମଲିକ, ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସ ଏହାର ନେତୃତ୍ୱ ନେଇଥିଲେ। ଗୋବିନ୍ଦଚନ୍ଦ୍ର ପରିଡ଼ା, ଗଗନ ମଲ୍ଲିକ, ଜଳଧର ଜେନା, ବାବୁରାମ ମଲିକ, ବସନ୍ତ, ଥାଟୋଇ ପ୍ରଦୀପ କୁମର ଦାସ, ଅଝର ଖାଁ, ହିମାଂଶୁ ମହଲ, ପ୍ରଶାନ୍ତ ଜେନା, ବାବୁରାମ ସାହୁ, ଫକୀର ନାଥ, ଗୋରା ବେହେରା, ନଟବର ମଲିକ, ଗଣେଶ ଚନ୍ଦ୍ର ଧଳ, ଜ୍ୟୋତି ରଞ୍ଜନ ମହଲ, ବାବୁଲା ପରିଡା, ବାସି ଜେନା କୁନା ନାୟକ ଓ ସୁର ମଲିକଙ୍କ ସମେତ ବହୁ କର୍ମୀ ଏଥିରେ ସାମିଲ ହୋଇଥିଲେ।

# ରାଜ୍ୟପାଳଙ୍କୁ ୯ ଦଫା ଦାବିପତ୍ର

ରସୁଲପୁର, ୧୮।୮(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ କଂଗ୍ରେସ ସଭାପତି ମିହିର ମିଶ୍ରଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତାକୁ ଢାଲକରି ଦଳ ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଦଳୀୟ କାର୍ଯ୍ୟକର୍ତ୍ତା ଓ ଛାମୁଆଁ କର୍ମୀ ବିଜେଡି ସରକାରଙ୍କ ବିରୋଧରେ ଭାଷଣବାଜି କରିବା ସହ ୯ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଡିଓ ଅବନିକାନ୍ତ ସାହୁଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ବ୍ଲକ୍ କାର୍ଯ୍ୟାଳୟରେ ପିସି କାରବାର ବନ୍ଦ କରିବା, ନୀବନ ଓଡ଼ିଶା ଯୋଜନାରେ ପଞ୍ଚାୟତକୁ ଆସୁଥିବା ୫୦ଲକ୍ଷ ଟଙ୍କାକୁ ଗ୍ରାମସଭା ଓ ପଲ୍ଲୀସଭା ଜରିଆରେ କାର୍ଯ୍ୟକାରୀ କରିବା, ରାଜ୍ୟରେ ଖାଲିପଡିଥିବା ୨,୨୬,୫୫୯ ପଦବୀକୁ ତୁରନ୍ତ ପୂରଣ କରିବା, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ମାନ୍ୟତା, ବେକାରୀ ଯୁବତୀଯୁବକଙ୍କୁ ନିଯୁକ୍ତି, ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମକୁ ନିୟନ୍ତ୍ରଣ, ପେଟ୍ରୋଲ, ଡିଜେଲ, କିରୋସିନ, ରନ୍ଧନ ଗ୍ୟାସ ଆଦି ସାମଗ୍ରୀର ମୂଲ୍ୟ ହ୍ରାସ କରିବା ଆଦି ଉଲ୍ଲେଖ ରହିଛି। ରାଜ୍ୟ କଂଗ୍ରେସ ମୁଖପାତ୍ର ଅପର୍ଣ୍ଣା ସିଂ ଧିର, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ମିହିର ଖୁଣ୍ଟିଆ, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଆରତି ଦେଓ, ପୂର୍ବତନ ସରପଞ୍ଚ ପଦ୍ମନାଭ ବାଭି, ସୁଧାକର ରାଉତ, ପ୍ରଶାନ୍ତ ଜେନା, ଗିରିଧାରୀ ପ୍ରଧାନ, ନଟବର ସେଠୀ, ମକରଧ୍ୱଜ ବେହେରା, ଗୟାଧର ମଲିକ, ନିରଞ୍ଜନ ଭାରତୀ, ସତ୍ୟବ୍ରତ ରାୟ, କାର୍ତ୍ତିକ ବେହେରା, କୃଷ୍ଣ ଚନ୍ଦ୍ର ସାହୁ ଓ ହାଡ଼ିବନ୍ଧୁ ଦାସଙ୍କ ସମେତ ବହୁ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନନ୍ତ ଘଡ଼ାଇ ଧନ୍ୟବାଦ ଦେଇଥିଲେ।



ରସୁଲପୁର ବ୍ଲକ କଂଗ୍ରେସ କର୍ମକର୍ତ୍ତା ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

# ବଡ଼ଚଣା କଂଗ୍ରେସ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଘେରାଉ




କଂଗ୍ରେସ କର୍ମୀ ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଚଣ୍ଡିଖୋଲ, ୧୮।୮(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଉମେଶ ଜେନାଙ୍କ ନେତୃତ୍ୱରେ ଚଣ୍ଡିଖୋଲସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ କର୍ମୀମାନେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ବରିଷ୍ଠ ନେତା ନିରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭରେ ବ୍ଲକ କଂଗ୍ରେସ ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ସାହୁ, ବରିଷ୍ଠ ନେତା ନିରଞ୍ଜନ ବିଶାଳ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ଜିଲା ସାଧାରଣ ସମ୍ପାଦକ ଅଶୋକ ସାମଲ, ଜିଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ ସାମଲ, ବ୍ଲକ ଯୁବ କଂଗ୍ରେସ ସଭାପତି ଜୟ ପ୍ରକାଶ ବିଶ୍ୱାଳ, ବ୍ଲକ ଛାତ୍ର କଂଗ୍ରେସ ସଭାପତି କମରୁଜ ଖାଁ, ବରିଷ୍ଠ ନେତା ମାନଗୋବିନ୍ଦ ଦାସ, ବ୍ଲକ୍ ସଂଖ୍ୟାଲଘୁ ସେଲ ସଭାପତି ଅକ୍ତର ଆଲାମ ଖାଁ, ପ୍ରମୁଖ ବହୁ ଯୁବକ, ଛାତ୍ର ଏହି ବିକ୍ଷୋଭରେ ସାମିଲ ହୋଇ ସରକାର ବିରୋଧୀ ନାରା ଦେଇ ପ୍ରତିବାଦ କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରକୁ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଗ୍ରହଣ କରିଛନ୍ତି। ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସତ୍ୟବ୍ରତ ସାମଲ, ଚିକୁନ ମହାରଣା, ଦୁଷ୍ମନ୍ତ ସାମଲ, ସାଗର ସାହୁ, ଧନେଶ୍ୱର ସାହୁ, ଅରୁଣ ପ୍ରଧାନ, ଶ୍ରୀକାନ୍ତ ନାୟକଙ୍କ ସମେତ ଶତାଧିକ ଯୁବ ଓ ଛାତ୍ର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

# ଅନିୟମିତତା ବିରୋଧରେ ରଣହୁଙ୍କାର

କୋରେଇ, ୧୮।୮(ଚନ୍ଦ୍ରକାନ୍ତ ପତି)

ରାଜ୍ୟର ବ୍ଲକ୍ ଅଫିସ ଗୁଡ଼ିକରେ ପିସି କାରବାର ବଢ଼ି ଚାଲିଛି। ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହେବା ସହିତ ଖାଦ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ପାଉଛି। ବେକାରୀ ସମସ୍ୟା, ନାରୀ ନିର୍ଯାତନା, ଚାଷୀ ମାରଣ ନୀତି ଏବଂ ଟାଟା କମ୍ପାନୀର ବିଜୁଳି ଶୋଷଣ ନୀତିରେ ମଧ୍ୟ ଓଡ଼ିଶା ଶୀର୍ଷରେ ପହଞ୍ଚିଛି। ଏହିପରି ୯ଟି ଦାବି ନେଇ କୋରେଇ କଂଗ୍ରେସ ପକ୍ଷରୁ ଶୁକ୍ରବାର ବ୍ଲକ ଅଫିସ ଘେରାଉ କରାଯାଇଛି। ଏଥିସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କୋରେଇର କିଲା ପଡ଼ିଆରୁ ଶତାଧିକ କର୍ମୀ ଶୋଭାଯାତ୍ରାରେ ଆସି ବ୍ଲକ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବ୍ଲକ କଂଗ୍ରେସ କମିଟି ସଭାପତି ଅକ୍ଷୟ କୁମାର ଜେନା ଏହାର ନେତୃତ୍ୱ ନେଇଥିଲେ। ରାଜ୍ୟ ଅଣସଙ୍ଗଠିତ ଶ୍ରମିକ କଂଗ୍ରେସ ସଭାପତି ବିଦ୍ୟାଧର ମହାନ୍ତି, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରିତାଶ୍ରୀ ମହାନ୍ତି, ବ୍ୟାସନଗର କଂଗ୍ରେସ କମିଟି ସଭାପତି ଦିଲୀପ ମଲ୍ଲିକ, ପୂର୍ବତନ ବ୍ୟାସନଗର ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ପ୍ରମୋଦ କୁମାର ପରିଡ଼ା, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରିୟବ୍ରତ ସାହୁ, କୋରେଇ ଯୁବ କଂଗ୍ରେସ ସଭାପତି ରବି ପ୍ରକାଶ ନାୟକ ଓ ଗଜେନ୍ଦ୍ର କରଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।



କୋରେଇ ବ୍ଲକ୍ କାର୍ଯ୍ୟାଳୟ ଆଗରେ କଂଗ୍ରେସ କର୍ମୀମାନେ ଧାରଣା ଦେଇଛନ୍ତି।

# ଦାନଗଦି କଂଗ୍ରେସ ପକ୍ଷରୁ ନାରାବାଜି

କଳିଙ୍ଗନଗର, ୧୮।୮(ଶୁଭାଶିଷ ରାଉତ)



ଦାନଗଦି ବ୍ଲକ କାର୍ଯ୍ୟାଳୟ ଆଗରେ କଂଗ୍ରେସ କର୍ମୀମାନେ ଆନ୍ଦୋଳନ କରୁଛନ୍ତି।

ଦାନଗଦି ବ୍ଲକ କଂଗ୍ରେସ କମିଟି ଆନୁକୂଲ୍ୟରେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ବିଭୁଭୂଷଣ ରାଉତଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଦାନଗଦି କଂଗ୍ରେସ କାର୍ଯ୍ୟାଳୟ ନିକଟରୁ ଏକ ପଦଯାତ୍ରାରେ ବାହାରି ବ୍ଲକ ଅଫିସ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟତଃ ପେଟ୍ରୋଲ ଡିଜେଲ ଦର ଦାମ ବୃଦ୍ଧି, ଖାଲିପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା, ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ପାଇଁ କଂଗ୍ରେସ ଦେଇଥିବା ଅଧିକାରକୁ କ୍ଷୁଣ୍ଣ କରିବା ବନ୍ଦ କରିବା, ବ୍ଲକରେ ବ୍ୟାପକ ପିସି କାରବାର, ଆବାସ ଯୋଜନାରେ ଦୁର୍ନୀତି, ବେକାରୀ, ନାରୀ ନିର୍ଯାତନା, ଚାଷୀ ମାରଣ ନୀତି ଓ ଟାଟା କମ୍ପାନୀର ଖାଉଟି ବିରୋଧୀ ବିଜୁଳି ନୀତିକୁ ବିରୋଧ ଆଦି ରହିଛି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଧର୍ମଶାଳା, ୧୮।୮(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡାଙ୍କ ନେତୃତ୍ୱରେ କର୍ମୀମାନେ ଶାନ୍ତି ବଜାରଠାରୁ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରିବା ସହ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏଥିସହିତ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଛନ୍ତି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ନେତା ବସନ୍ତ ପରିଡ଼ା, ବାବୁଲି ମଲିକ, ରାଜ୍ୟ କଂଗ୍ରେସ ମୁଖପାତ୍ର ଅପର୍ଣ୍ଣାଧିର ସିଂ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ କର, ଧର୍ମଶାଳା ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, ନରୋତ୍ତମ ନାୟକ, ନକୁଳ ଜେନା, ବୈରାଗୀ ମଲିକ, ଦୀପକ ବଳ, ଗଙ୍ଗାଧର ମଲିକ, କାର୍ତ୍ତିକ ସାହୁ, କବିତା ମଲିକ, ଅମରେନ୍ଦ୍ର ସାମଲ ନବଘନ ମହାନ୍ତି, ପ୍ରଶାନ୍ତ ମଲିକ, ବିଜୟ ପ୍ରଧାନ, ପ୍ରଫୁଲ୍ଲ ମଲିକ, କାର୍ତ୍ତିକ ଜେନା, ଅନୁ ମଲିକ, ବାବାଜୀ ରାଉତ, ଅନିରୁଦ୍ଧ ସେଠୀ, ବିଳାସ ଜେନା, ରବି ମଲିକ, ମହମ୍ମଦ ଇକବାଲ, ଉଗ୍ରେସନ ମହାନ୍ତି, ମିହିର କୁମାର ଖୁଣ୍ଟିଆ, ଉମାକାନ୍ତ ମଲିକ, ନବ ମଲିକ, ପ୍ରମୋଦ ଜେନା, ଆଶାଲତା ପରିଡା ଓ ସମିନା ଖାତୁନ ପ୍ରମୁଖ ସାମିଲ ହୋଇଥିଲେ।




ଧର୍ମଶାଳା ବ୍ଲକ୍ କଂଗ୍ରେସ କର୍ମୀମାନେ ଶୋଭଯାତ୍ରାରେ ଯାଉଛନ୍ତି।

# ବିରୂପା ନଦୀରେ କୁମ୍ଭୀର: ସାଧାରଣରେ ଆତଙ୍କ

ବାଲିଚନ୍ଦ୍ରପୁର, ୧୮।୮(ଗିରିଜା ପ୍ରସାଦ ସାହୁ)



ବରୀ ବ୍ଲକ୍ ଅଧୀନ ଅମଠପୁରଠାରେ ବୁଧବାର ଜଣେ ମହିଳାଙ୍କୁ କୁମ୍ଭୀର ଟାଣିନେଇ ଖାଇଯିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ସେଠାରେ ପହରା ଦିଆଯାଇଥିବାବେଳେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନସାଧାରଣଙ୍କୁ ସତର୍କ ସୂଚନା ଦିଆଯାଇଛି। ଏହାମଧ୍ୟରେ ଅମଠପୁରଠାରୁ ୮ କିଲୋମିଟର ଦୂରତ ବିରୂପା ନଦୀର କଳାଶ୍ରୀଠାରେ ଶୁକ୍ରବାର ଭୋର ସମୟରେ ୨ କୁମ୍ଭୀରଙ୍କୁ ଦେଖିବାକୁ ମିଳିଛି। ସ୍ଥାନୀୟ କେତେଜଣ ଲୋକ କୁମ୍ଭୀର ଦେଖିଥିବା କହୁଥିବାବେଳେ ଚାରିନଙ୍ଗଳ ବ୍ରିଜ ନିକଟ ନଦୀରେ ପୂର୍ବାହ୍ନ ୯ଟାରେ ଆଉ କିଛି ଲୋକ ଏକ କୁମ୍ଭୀରକୁ ଦେଖିବାକୁ ପାଇଥିଲେ। ଉକ୍ତ କୁମ୍ଭୀର ଫଟୋ ଉଠାଇ ତାହାକୁ ସୋସିଆଲ ମିଡିଆରେ କେତେଜଣ ଭାଇରାଲ କରିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ଚାରିନଙ୍ଗଳ ବ୍ରିଜ ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ନେଇ ନଦୀ କୁଳିଆ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବୁଧବାରଠାରୁ ନଦୀ ଉପରେ ନିର୍ଭର କରୁଥିବା ଲୋକେ ଆଉ ନଦୀକୁ ଯାଉ ନ ଥିବା ଦେଖାଯାଇଛି। ବନ ବିଭାଗ କୁମ୍ଭୀରମାନଙ୍କୁ ଚିହ୍ନଟ କରି ଯଥାସ୍ଥାନରେ ତୁରନ୍ତ ଛାଡ଼ିବାକୁ ଦାବି ହୋଇଛି।

# ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ପାଣିକୋଇଲି, ୧୮।୮(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ଗ୍ରାମରେ ଗୁରୁବାର ରାତିରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ତଣ୍ଟି ଚିପି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇବା ପରେ କୋରେଇ ଡାକ୍ତରଖାନାରୁ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହିତ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ ଝୁମୁରୀ ସେଠୀ(୩୨)।

ଅଭିଯୋଗ ଅନୁସାରେ, ଅମୃତିଆ ଗ୍ରାମର ମଦନ ସାହୁଙ୍କ ପୁଅ ଦୁର୍ଯ୍ୟୋଧନ ଓରଫ ବାବୁ ୮ ବର୍ଷ ତଳେ କୋରେଇ ଥାନା ଅନ୍ତର୍ଗତ ଅଶୋକଝର ଗ୍ରାମର ପୁରୁଷୋତ୍ତମ ସେଠୀଙ୍କ ଝିଅ ଝୁମୁରୀଙ୍କୁ ବିବାହ କରିଥିଲେ। ସେମାନଙ୍କ ୭ ବର୍ଷ ଓ ଦେଢ଼ ବର୍ଷର ଦୁଇ ପୁଅ ଅଛନ୍ତି। ବାବୁ ଅଧିକାଂଶ ସମୟରେ ମଦ୍ୟପାନ କରି ଝୁମୁରୀଙ୍କୁ ମାରଧର କରନ୍ତି। ଗୁରୁବାର ରାତି ପ୍ରାୟ ୯ଟା୨୦ରେ ବାବୁ ଝୁମରୀଙ୍କୁ ସଂଜ୍ଞାହୀନ ଅବସ୍ଥାରେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିବା ସହ ପାଣିକୋଇଲି ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ସଦଳବଳ ଅମୃତିଆ ଗ୍ରାମକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଏଏସ୍‌ଆଇ ସୁଜିତ କୁମାର ମଲ୍ଲିକ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାବୁଙ୍କୁ ଉଠାଇ ଆଣିଥିଲେ। ପରେ ମୃତ ମହିଳାଙ୍କ ବାପା ପୁରୁଷୋତ୍ତମ ତାଙ୍କ ଝିଅକୁ ବାବୁ ତଣ୍ଟି ଚିପି ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ନଂ.୨୨୪/୨୩ରେ ମାମଲା ରୁଜୁ କରିଛି। ଥାନା ଅଧିକାରୀ ବିଶ୍ୱାଳ ସାଇଣ୍ଟିଫିକ୍ ଟିମ ସହାୟତାରେ ଦାନଗଦୀ ଡାକ୍ତରଖାନା ଓ ଅମୃତିଆ ଗ୍ରାମକୁ ଯାଇ ସତ୍ୟାସତ୍ୟ ଅନୁସନ୍ଧାନ କରିଛନ୍ତି। ଅଭିଯୁକ୍ତ ବାବୁଙ୍କୁ ଶନିବାର କୋର୍ଟଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

**ତଦନ୍ତରେ ଉତ୍କର୍ଷ ପାଇଁ ନନ୍ଦିନୀଙ୍କୁ ପୋଲିସ ମେଡାଲ**

**କୁଜଙ୍ଗ,(ମନୋଜ ପ୍ରଧାନ):** କୁଜଙ୍ଗ ବଳରାମପୁରର ଝିଅ ତଥା କମିଶନରେଟ ପୋଲିସରେ କଟକରେ କାର୍ଯ୍ୟରତ ଇନ୍ସପେକ୍ଟର ଦୁର୍ଗେସ ନନ୍ଦିନୀ ମହାନ୍ତିଙ୍କୁ ତଦନ୍ତରେ ଉତ୍କର୍ଷ ନିମନ୍ତେ ପୋଲିସ ମେଡାଲ ପାଇଛନ୍ତି । ତାଙ୍କର ଏହି ସଫଳତା ପାଇଁ ୧୯୮୬ ବ୍ୟାଚର କୁଜଙ୍ଗ ମହାବିଦ୍ୟାଳୟ ସହପାଠୀ ସୁବର୍ଣ୍ଣ ମିଶ୍ର, ଅଧ୍ୟାପକ ହିରଣ୍ୟ ସ୍ୱାଇଁ, ଆଇନଜୀବୀ ଭାରତଭୂଷଣ ଦାସ, ନିର୍ଭୟ ପରିଡା, ରମେଶ ନାୟକ, ଭବାନୀ ପ୍ରସାଦ ଦାସ, ଗୌରହରି ସ୍ୱାଇଁ ପୋଲିସ ଅଫିସର କୃଷ୍ଣ ପ୍ରସାଦ ଦାସ, ସାମାଜିକ କର୍ମୀ ଶିବ କୁମାର ସାହୁ, ଅଧ୍ୟାପିକା ଅମ୍ବିକା ମହାନ୍ତି ପ୍ରମୁଖ ଦୁର୍ଗେସଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସଂକ୍ଷେପରେ

### ରାଜ୍ୟ ସରକାର ୫୦ ପ୍ରତିଶତ ପିସିରେ ଚାଲିଛି

କେନ୍ଦ୍ରାପଡ଼ା,୧୮।୮(ଜଗନ୍ନାଥ ଧଳ)

ବ୍ଲକ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି । ଆବାସ ଯୋଜନାଠାରୁ ମୌଳିକ ଆବଶ୍ୟକତା ପାଇଁ ବିଭିନ୍ନ ଯୋଜନାରେ ଭ୍ରଷ୍ଟାଚାର ବଢ଼ିଛି । ବିଜୁଳି ବିଲ ହେଉ ଅଥବା ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ କ୍ଷେତ୍ରରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି । ପ୍ରତ୍ୟେକ ଯୋଜନା ହିତାଧିକାରୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ୧୫ରୁ ୫୦ ପ୍ରତିଶତ ପିସି କାରବାର ହେଉଛି । ଏହି ପ୍ରକ୍ରିୟାରେ ରାଜ୍ୟ ସରକାର ଚାଲିଥିବା କେନ୍ଦ୍ରାପଡ଼ା ବ୍ଲକ ଓ ନଗର କଂଗ୍ରେସ ଦର୍ଶାଇ ଶୁକ୍ରବାର ବ୍ଲକ ଘେରାଉ କରିଛି । ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡ଼ାଙ୍କ ନେତୃତ୍ୱରେ ହୋଇଥିବା ଏହି ଘେରାଉରେ ବରିଷ୍ଠ ନେତା ଗଣେଶ୍ୱର ବେହେରା, ଚିନ୍ମୟ ବେହୁରା, ପ୍ରଫୁଲ୍ଲ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସେମାନେ ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି ବୋଲି ସମାଲୋଚନା କରିଥିଲେ । ବ୍ଲକ ଘେରାଉ ପୂର୍ବରୁ ସହର ମଧ୍ୟରେ ରାଲି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଓ ନେତା ଯୋଗ ଦେଇଥିଲେ ।

### ବ୍ଲକସ୍ତରୀୟ ବନ ମହୋତ୍ସବ ପାଳିତ

ରାଜନଗର,୧୮।୮(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ଇକୋକ୍ଲବ ତରଫରୁ ସମଗ୍ର ଜିଲାର ଶେଷ ବନମହୋତ୍ସବ-୨୦୨୩ ରାଜନଗର ବ୍ଲକ କଣସରା ବିଦ୍ୟାଶ୍ରମ ଫିଙ୍ଗିଦାଣ୍ଡି ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରକୃତି ବନ୍ଧୁ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବନାଞ୍ଚଳ ଅଧିକାରୀ ଚିତ୍ତରଞ୍ଜନ ବେଉରା, ମୁଖ୍ୟବକ୍ତା ଭାବେ ଇକୋକ୍ଲବ ଜିଲା ସଂଯୋଜକ ଗୋପୀନାଥ ଦାଶ, ସମ୍ମାନିତ ବକ୍ତା ଭାବେ ହେନ୍ତାଳ ଗବେଷକ ପ୍ରସନ୍ନ କୁମାର ନାୟକ, ଶିକ୍ଷକ କ୍ଷୀରୋଦ କୁମାର ମଲିକ, ମହେଶ୍ୱର ରାଉତ, ବନପାଳ ବିଜୟ କୁମାର ପାତ୍ର ଯୋଗଦେଇଥିଲେ । ବିଦ୍ୟାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଆଲୋକମଞ୍ଜୁରୀ ରାଉତ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଚିତ୍ରାଙ୍କନ ପ୍ରତିଯୋଗିତାରେ ରାଜନଗର ଉଚ୍ଚ ବିଦ୍ୟାଳୟର ଜ୍ୟୋତିର୍ମୟୀ ଲେଙ୍କା ପ୍ରଥମ, ଓଡ଼ିଆ ବନ୍ଧପାଟଣା ହାଇସ୍କୁଲର ନିରାକାର ବିଶ୍ୱାଳ ୨ୟ ଓ କଣସରା ବିଦ୍ୟାଶ୍ରମର ପୁଷ୍ପିକା ବେହୁରା ଓ ସପନେଶ୍ୱର ଉଚ୍ଚ ବିଦ୍ୟାଳୟ ବାହାପୁରର ପ୍ରଜ୍ଞାପ୍ରିୟଦର୍ଶିନୀ ଖଣ୍ଡୁଆଳ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ବକ୍ତୃତା ପ୍ରତିଯୋଗୀତାରେ ରାଜନଗର ଉଚ୍ଚ ବିଦ୍ୟାଳୟର ଅଙ୍କିତ ରାଉତ ପ୍ରଥମ, କଣସରା ବିଦ୍ୟାଶ୍ରମର ରାଜଲକ୍ଷ୍ମୀ ପାତ୍ର ୨ୟ, ସପନେଶ୍ୱର ହାଇସ୍କୁଲ ବାହାପୁରର ସୌମ୍ୟ ରଞ୍ଜନ ପ୍ରଧାନ ଓ ପ୍ରତ୍ୟାଶା ସ୍ୱାଇଁ ୩ୟ ସ୍ଥାନ ଅଧିକାର କରିଛନ୍ତି । ପରିବେଶ ସଚେତନତା ଶୋଭାଯାତ୍ରାକୁ ଶିକ୍ଷକ କଳ୍ପନା ଦାସ, ଦଧିବାମନ ପଣ୍ଡା, ପରମାନନ୍ଦ ପ୍ରଧାନ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ଶିଶୁଙ୍କୁ ୧୨ ପରିବର୍ତ୍ତେ ୯ ଅଣ୍ଡା ମିଳୁଛି

ରଘୁନାଥପୁର,୧୮।୮
(ରାଜେନ୍ଦ୍ର ନାରାୟଣ ସିଂହ)


ରଘୁନାଥପୁର ପଞ୍ଚାୟତ ସମିତି ବୈଠକରେ ଯୋଗ ଦେଇଥିବା ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ।

**ରଘୁନାଥପୁର ବ୍ଲକର ତୃତୀୟ ପଞ୍ଚାୟତ ସମିତି ବୈଠକ**

- ଅବହେଳିତ ଟିକିଣିଆ ପଞ୍ଚାୟତକୁ ଅନ୍ୟ ବ୍ଲକରେ ସାମିଲ ପାଇଁ ଦାବି
- ପାନୀୟ ଜଳ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ଅଭିଯୋଗ

ଦୀର୍ଘ ୬ ମାସର ବ୍ୟବଧାନ ପରେ ରଘୁନାଥପୁର ବ୍ଲକରେ ଶୁକ୍ରବାର ତୃତୀୟ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୬ ମାସ ପରେ କାହିଁକି ବୈଠକ ଡକାଗଲା ବୋଲି ଟିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠୀ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରାଙ୍କ ଠାରୁ ସ୍ପଷ୍ଟୀକରଣ ଚାହିଁଥିଲେ । ଅଧ୍ୟକ୍ଷା ବେହେରା ଅସୁବିଧା ଯୋଗୁ ବୈଠକ ହୋଇପାରି ନ ଥିବା କହି ଦୁଃଖ ପ୍ରକାଶ କରିଥିଲେ । ଦୀର୍ଘ ଦେଢ଼ ବର୍ଷ ଧରି ଟିକିଣିଆ ପଞ୍ଚାୟତରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ ବୋଲି ସମିତି ସଭ୍ୟ ବିଚିତ୍ର କୁମାର ସ୍ୱାଇଁ ଅଭିଯୋଗ କରିଥିଲେ । ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ଏହି ପଞ୍ଚାୟତକୁ ନିକଟସ୍ଥ ବିରିଡି କିମ୍ବା ତିର୍ତ୍ତୋଲ ବ୍ଲକରେ ସାମିଲ କରାଯାଉ ବୋଲି ସ୍ୱାଇଁ ଦାବି କରିଥିଲେ । ବୈଠକରେ ବ୍ଲକ ଅଧ୍ୟକ୍ଷା ବେହେରା ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ୧ନଂ.ଜୋନ୍ ଜିଲାପରିଷଦ ରିନାରାଣୀ ମଲ୍ଲିକ ଓ ୨ନଂ. ଜୋନର ଇତିଶ୍ରୀ ମଲ୍ଲିକ, ବିଡିଓ ତପନ କୁମାର ସେନାପତି ଓ ସହକାରୀ ଯନ୍ତ୍ରୀ ସପିଲ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଜିପିଓ ସ୍ମାରକ ମହାନ୍ତି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଆଇସିଡିଏସ୍ ସମ୍ପର୍କରେ ସିଡିପିଓ ତୃପ୍ତିଲତା ମହାନ୍ତି ତଥ୍ୟ ରଖିଥିଲେ । ଏହି ଅବସରରେ ଜିଲାପରିଷଦ ମଲ୍ଲିକ ରେତୁଆ ପଞ୍ଚାୟତରେ ଅଙ୍ଗନୱାଡିରେ ମିଳୁଥିବା ସୁଜିରେ ପୋକ ଓ ଶିଶୁଙ୍କୁ ୧୨ ପରିବର୍ତ୍ତେ ୯ଟି ଅଣ୍ଡା ଦିଆଯାଉଥିବା ଅଭିଯୋଗ କରିଥିଲେ । ସିଡିପିଓ ତୃପ୍ତିରେଖା ମହାନ୍ତି ଏହାର ତଦନ୍ତ କରିବେ ବୋଲି କହିଥିଲେ । ସେହିପରି ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ ଓ ଗୁଆଲିପୁର ସରପଞ୍ଚ ମନଜିନୀ ସାହୁ ତାଙ୍କ ପଞ୍ଚାୟତରେ ଥିବା ଅଙ୍ଗନୱାଡିକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଏବଂ ହାଇସ୍କୁଲ ଓ ମାଇନର ସ୍କୁଲରେ ଶିକ୍ଷକ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ ।

ବରାଗୋଳକୁ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଆସିଥିବା ୫୦ ଲକ୍ଷ ଟଙ୍କା ଅନୁଦାନର ପ୍ରକଳ୍ପ ତାଲିକା ପ୍ରଦାନ କରାଯାଇଥିବାବେଳେ ତାକୁ କଟାଯାଇ ଅନ୍ୟ ପ୍ରକଳ୍ପକୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ସରପଞ୍ଚ ଜୟନ୍ତୀ ଦାସ ଅଭିଯୋଗ କରିଥିଲେ । ସେହିପରି ବିଦ୍ୟାଧରପୁର ସରପଞ୍ଚ ସାହେଦା ତବସୁମ ଏଏନ୍‌ଏମ ସେଣ୍ଟରରେ ଏଏନଏମ ନ ଥିବା, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ ତାଙ୍କ ପଞ୍ଚାୟତରେ ଅଙ୍ଗନୱାଡି ଗୃହ ନିର୍ମାଣ ହୋଇପାରୁନଥିବା, ରେତୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଆସୁ ନ ଥିବା ସମ୍ପର୍କରେ ସଭ୍ୟ ବିଶ୍ୱଜିତ ଦାଶ ଅଭିଯୋଗ କରିଥିଲେ । ସେହିପରି ସରପଞ୍ଚଙ୍କୁ ନ ଜଣାଇ ପାନୀୟଜଳ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ନେଇ ତାରପୁର ସରପଞ୍ଚ ମଲ୍ଲିକ କହିଥିଲେ । ସମସ୍ତ ସରପଞ୍ଚ ଓ ସଭ୍ୟମାନେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠାରୁ କୈଫିୟତ ଚାହିଁଥିଲେ । ଏଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କୁହାଯିବା ସହ ସରପଞ୍ଚଙ୍କ ବିନା ପରାମର୍ଶରେ କୌଣସି ପଞ୍ଚାୟତର ପାନୀୟଜଳ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନ କରିବା ପାଇଁ ଏମ୍‌ପି ମଲ୍ଲିକ ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତୁରନ୍ତ ତାଙ୍କ ନାମକୁ ରାସନକାର୍ଡରୁ ବାଦ ଦିଆଯାଉଥିବାବେଳେ ଜଣେ ବିଭାହୋଇ କିମ୍ବା ଜନ୍ମ ହେବାପରେ କାହିଁକି ତାଙ୍କ ନାମ କାର୍ଡରେ ଯୋଡା ଯାଉନାହିଁ ବୋଲି ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଓ ଅନ୍ୟ ସରପଞ୍ଚମାନେ ପ୍ରଶ୍ନ କରିଥିଲେ । ଏଥିସହ ସ୍ୱାସ୍ଥ୍ୟ, ଶିକ୍ଷା, ଭତ୍ତା, ବାସଗୃହ, କୃଷି ଓ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଶେଷରେ ଜିପିଓ ସ୍ମାରକ ମହାନ୍ତି ଧନ୍ୟବାଦ ଦେଇ ସଭା ଶେଷ କରିଥିଲେ । ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୁକାନ୍ତ କୁମାର ଦଳେଇ, ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ, ଜନମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ପଣ୍ଡା, ବିଏସ୍‌ଏସ୍‌ଓ ଜ୍ୟୋତିର୍ମୟୀ ଧୀର,ଏମ୍‌ଆଇ ବାବୁଲାଲ ବାରିକ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆରମ୍ଭ ହେଲା ନୂଆ ଶିକ୍ଷା କାର୍ଯ୍ୟକ୍ରମ ସମ୍ଭବ, ଅନ୍ୱେଷଣ

ଜଗତ୍‌ସିଂହପୁର, ୧୮।୮
(ପ୍ରମୋଦ କୁମାର ନାୟକ)



ସମ୍ଭବ ଓ ଅନ୍ୱେଷଣ ଲୋକାର୍ପଣ ଉତ୍ସବରେ ଜିଲାପାଳ ପାରୁଲ ପଟାୱାରି ଓ ଅନ୍ୟମାନେ ।

**ଜଗତ୍‌ସିଂହପୁର ଜିଲା**

- ଛାତ୍ରୀଛାତ୍ରଙ୍କ ଲିଖନ, ପଠନ ଓ ବର୍ଣ୍ଣନା ଗୁଣକୁ ବୃଦ୍ଧି କରିବ
- ଗଳ୍ପ, ପତ୍ରିକା, ଉପନ୍ୟାସ, ଗୀତ, ନାଚ, ଯୋଗ ଓ ଡ୍ରାମା ଦ୍ୱାରା ଅନ୍ତର୍ନିହିତ ପ୍ରତିଭାର ବିକାଶ ହେବ

ଜଗତ୍‌ସିଂହପୁର ଜିଲାର ସରକାରୀ ବିଦ୍ୟାଳୟଗୁଡ଼ିକରେ ଥିବା ପାଠାଗାର ତଥା ଅନ୍ୟାନ୍ୟ ଶୈକ୍ଷିକ ସାଧନକୁ ବ୍ୟବହାର କରି କୋମଳମତୀ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଧାରାକୁ ଗୁଣାତ୍ମକ ଓ ଦୀର୍ଘସ୍ଥାୟୀ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଶୁକ୍ରବାର ସ୍ଥାନୀୟ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ଭବ ଓ ଅନ୍ୱେଷଣ ଲୋକାର୍ପଣ ଉତ୍ସବରେ ଜିଲାପାଳ ପାରୁଲ ପଟାୱାରି ଯୋଗଦେଇ ଏହା କହିଛନ୍ତି । ସେ କହିଥିଲେ, ପ୍ରାଥମିକସ୍ତରରୁ ପିଲାମାନଙ୍କ ଲିଖନ, ପଠନ ଓ ବର୍ଣ୍ଣନା କରିବାର ଗୁଣକୁ ବିକଶିତ କରିବା ପାଇଁ ନୂଆ ଶିକ୍ଷା କାର୍ଯ୍ୟକ୍ରମ ସମ୍ଭବ ଓ ଅନ୍ୱେଷଣ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପୌରୋହିତ୍ୟ କରି କହିଥିଲେ, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ଏହା ଦ୍ୱାରା ଉପକୃତ ହେବେ । ସମ୍ଭବ କାର୍ଯ୍ୟକ୍ରମ ପ୍ରତି ସପ୍ତାହର ଶୁକ୍ରବାର ଅପରାହ୍ନ ୨ଟାରୁ ୨.୪୫ ପର୍ଯ୍ୟନ୍ତ ଚାଲିବ । ଏଥିରେ ଛାତ୍ରୀଛାତ୍ରମାନେ ଗଳ୍ପ ବହି, ପତ୍ରିକା ଓ ଉପନ୍ୟାସ ଆଦି ପଢିବେ । ଏଥିସହ ଯାହା ପଢ଼ିବେ ବର୍ଣ୍ଣନା ଓ ଲିଖନ ମାଧ୍ୟମରେ ପରିପ୍ରକାଶ କରିବେ । ସେହିପରି ଅନ୍ୱେଷଣ କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନ୧୦ଟାରୁ ୧୦ଟା୪୫ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ଚାଲିବ । ଏହାଦ୍ୱାରା ପିଲାମାନେ ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣକୁ ସଙ୍ଗୀତ, କଣ୍ଢେଇ ନାଚ, ଅନ୍ୟ ନାଚ, ଯୋଗ ଓ ଡ୍ରାମା ଆଦି ମାଧ୍ୟମରେ ପରିପ୍ରକାଶ କରିବେ ବୋଲି ଜିଲା ଶିକ୍ଷା ଅଧିକାରୀ ବେହେରା କହିଥିଲେ ।

ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅନ୍ୟତମ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ ବୋଲି ମତବ୍ୟକ୍ତ କରିଥିଲେ । ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉତ୍ସବରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ଜିଲା ଶୈକ୍ଷିକ ସଂଯୋଜକ ତପନ କୁମାର ନନ୍ଦ, ଜିଲା କାର୍ଯ୍ୟକ୍ରମ ସଂଯୋଜକ ଚନ୍ଦ୍ରଜିତ ପରିଜା, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ସଂଯୋଜକ ପଦରାଜ ଉମାକାନ୍ତ ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସ୍ମିତାଶ୍ରୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ୨୦୨୧ ମାର୍ଚ୍ଚ ୧ରୁ ବର୍ଦ୍ଧିତ ଦରମା ପାଇବେ ପିପିଏଲ୍ ଶ୍ରମିକ

କୁଜଙ୍ଗ,୧୮।୮ (ମନୋଜ ପ୍ରଧାନ)

୨୦୨୧ ମାର୍ଚ୍ଚ ୧ରୁ ବର୍ଦ୍ଧିତ ଦରମା ପାଇବେ ପିପିଏଲ ଠିକା ଶ୍ରମିକ । ଏନେଇ ଗୁରୁବାର ନିଷ୍ପତ୍ତି ହେବା ପରେ ଶ୍ରମିକଙ୍କ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି । ଶୁକ୍ରବାର କୁଜଙ୍ଗରେ ପାରାଦୀପ ଫସ୍‌ଫେଟସ୍ ମଜଦୁର ୟୁନିୟନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ୟୁନିୟନର ବରିଷ୍ଠ ଉପସଭାପତି ତଥା ହିନ୍ଦ ମଜଦୁର ସଭା ରାଜ୍ୟ ସମ୍ପାଦକ ଓ ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ ଉପସଭାପତି ଆଇନଜୀବୀ ଅମୃତ ଦାସ ଯୋଗଦେଇ କହିଥିଲେ, ପିପିଏଲ୍‌ରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ମାସିକ ଦରମା ବୃଦ୍ଧିନେଇ ୟୁନିୟନ ଦୀର୍ଘ ଦିନରୁ ଦାବି କରାଯାଉଥିଲା । ୟୁନିୟନର ପୂର୍ବତନ ସଭାପତି ସ୍ୱର୍ଗତ ରାଜେନ୍ଦ୍ର ପ୍ରଶାଦ ସିଂହ ଏନେଇ ଅନେକ ଅବଦାନ ରହିଛି । ତାଙ୍କ ପଦାଙ୍କ ଅନୁସରଣ କରି ଶ୍ରମିକମାନଙ୍କ ଦରମା ବୃଦ୍ଧି ଓ ଅନ୍ୟାନ୍ୟ ଦାବି ନେଇ ସଂଗ୍ରାମ ଜାରି ରହିଥିଲା । ଏବେ ଠିକା ଶ୍ରମିକମାନଙ୍କ ଦରମାରେ ୮ ହଜାର ଟଙ୍କା ବୃଦ୍ଧି କରାଯାଇଛି । ଶ୍ରମିକମାନଙ୍କ ଦରମା ବୃଦ୍ଧିରେ ପାରାଦୀପ ଫସ୍‌ଫେଟସ୍ ମଜଦୁର ୟୁନିୟନର ସଭାପତି ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ଅନ୍ୟତମ ଉପସଭାପତି ବସନ୍ତ ବିଶ୍ୱାଳଙ୍କ ଅବଦାନ ଶ୍ରମିକ ସମାଜ ମନେ ରଖିବେ ବୋଲି ସେ କହିଛନ୍ତି । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଖଟୁଆ, ଅଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ପାରାଦୀପ ଫସ୍‌ଫେଟସ୍ ମଜଦୁର ୟୁନିୟନ କର୍ମକର୍ତ୍ତାମାନେ ।

# ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ବିରିଡି,୧୮।୮(ପ୍ରଶାନ୍ତ କୁମାର ରାଉତ)

ବିରିଡି ବ୍ଲକ ମିଶନଶକ୍ତି ପକ୍ଷରୁ ବ୍ଲକସ୍ତରୀୟ ମହାସଂଘ ଦ୍ୱାରା ଶୁକ୍ରବାର କୁଳକଇଜଙ୍ଗା ପଞ୍ଚାୟତର ମହାତୋଳଠାରେ ମିଶନ ଶକ୍ତି କାଫେକୁ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି । ତାଙ୍କ ସହ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲାପରିଷଜ ସଭ୍ୟ ଚନ୍ଦ୍ର ଶେଖର ଦାଶ, ଆତ୍ମା କମିଟି ଅଧ୍ୟକ୍ଷ ପ୍ରତାପ ବେହେରା, ପୁରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ନେତ୍ରାନନ୍ଦ ପାତ୍ର, ନୃସିଂହ ଦାଶ, ମିର୍‌ଆଜମିର ଅଲ୍ଲି, ବ୍ଲକ ଜ୍ୟୋତି ମହାସଂଘ ସମ୍ପାଦିକା ମହେଶ୍ୱତା ଜେନା, ମିଶନଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ବିଜୟ ରଣା ଓ ଏଲଏମର ବିପିଏମ ଗଣେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଏହି କାଫେରେ ସହରାଞ୍ଚଳ ଭଳି ସମସ୍ତ ପ୍ରକାର ଖାଦ୍ୟ ଉପଲବ୍ଧ ହେବ । ଏଠାରେ ମିଶନଶକ୍ତି ମହିଳାମାନଙ୍କ ଦ୍ୱାରା ସୁସ୍ୱାଦୁ ବ୍ୟଞ୍ଜନ ଯଥା ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ସନ୍ଧ୍ୟାରେ ଜଳଖିଆ ଇତ୍ୟାଦି ପ୍ରସ୍ତୁତ କରାଯାଇ ବିକ୍ରୟ କରାଯିବ । ଏହାଛଡ଼ା ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଓ ବ୍ୟକ୍ତିଗତ ଭାବେ ବିଭିନ୍ନ ସଭା ସମିତି ପାଇଁ ଅର୍ଡର ମୁତାବକ ଖାଦ୍ୟ ଓ ଜଳଖିଆ ପ୍ରସ୍ତୁତ କରାଯିବ ବୋଲି ମିଶନ ଶକ୍ତି ପକ୍ଷରୁ କୁହାଯାଇଛି ।



କାଫେର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଓ ମିଶନ ଶକ୍ତି ସଦସ୍ୟମାନେ ।

# କେନ୍ଦ୍ର, ରାଜ୍ୟକୁ ଜନତା ଉଚିତ ଜବାବ ଦେବେ

ଜଗତସିଂହପୁର, ୧୮।୮
(ପ୍ରମୋଦ କୁମାର ନାୟକ)



କଂଗ୍ରେସ ପକ୍ଷରୁ ଜଗତ୍‌ସିଂହପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

ସମ୍ପ୍ରତି ଚାଷୀ ସମସ୍ୟା, ଦରଦାମ ବୃଦ୍ଧି, ମନଇଚ୍ଛା ବିଦ୍ୟୁତ କାଟ, ଲୋ ଭୋଲଟେଜ୍, ବିଦ୍ୟୁତ ଦେୟ ବୃଦ୍ଧି, ଭତ୍ତାରେ ପାତରଅନ୍ତର ଏପରି ସରକାରୀ କାର୍ଯ୍ୟାଳୟରେ ଲାଞ୍ଚ କାରବାର ହେଉଥିବା ଅଭିଯୋଗ କରି ଶୁକ୍ରବାର ଜଗତ୍‌ସିଂହପୁର ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହାର ସମାଧାନ ନ ହେଲେ ଆଗକୁ ଆଗକୁ ଆନ୍ଦୋଳନ ଉଗ୍ର ରୂପ ନେବ ବୋଲି ଦଳ ସଭାପତି ନଟବର ବାରିକ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ଗଣତାନ୍ତ୍ରିକ ବ୍ୟବସ୍ଥାରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରାଯିବା ଦୁଃଖଦାୟକ ଘଟଣା । ସରକାର ଏଥିରୁ ନିବୃତ୍ତ ରୁହନ୍ତୁ । ପଞ୍ଚାୟତକୁ ଯାଉଥିବା ୫୦ ଲକ୍ଷ ଟଙ୍କାକୁ ଗ୍ରାମ ସଭାର ନିଷ୍ପତ୍ତିକ୍ରମେ ଖର୍ଚ୍ଚ କରାଯାଉ । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉ । ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରାଯିବା ସହ କୃଷିଜାତ ଦ୍ରବ୍ୟର ଅଭାବ ବିକ୍ରି ବନ୍ଦ ହେଉ । ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଖୋଲାଯାଉ । ପେଟ୍ରୋଲ, ଡିଜେଲ, ଗ୍ୟାସ, କିରୋସିନି ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ବୃଦ୍ଧିକୁ ନିୟନ୍ତ୍ରଣ କରାଯାଉ । ଭତ୍ତାରେ ପାତରଅନ୍ତରକୁ ବନ୍ଦ ସହ ଭତ୍ତା ରାଶି ୨ ହଜାର ଟଙ୍କାକୁ ବୃଦ୍ଧି କରାଯାଉ । ଟାଟା କମ୍ପାନୀର ଖାଉଟି ମାରଣ ନୀତିକୁ ବନ୍ଦ କରାଯିବା ଜରୁରୀ । ଖାଲି ପଡିଥିବା ସରକାରୀ ପଦବୀ ପୂରଣ ହେଉ । ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରାଯାଉ । ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳୁ । ଏଥିସହ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ବନ୍ଦ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା । ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ କୁମାର ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ବିକ୍ଷୋଭରେ ଦଳର ବ୍ଲକ ସଭାପତି ଅଦ୍ୱୈତ ଚରଣ ଜେନା ନେତୃତ୍ୱ ନେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଜିଲା କଂଗ୍ରେସ ସମ୍ପାଦକ ରଜନୀକାନ୍ତ ଚୌଧୁରୀ, ବରିଷ୍ଠ କଂଗ୍ରେସ ନତା ନିରଞ୍ଜନ ସେନ, ଦେବେନ୍ଦ୍ର ବେହେରା, ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜଗତ୍‌ସିଂହପୁର ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

**ଏରସମା, (ଦୀପ୍ତି ରଞ୍ଜନ ଖଣ୍ଡୁଆଳ):** ଏରସମା କଂଗ୍ରେସ ପକ୍ଷରୁ ୯ ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ବ୍ଲକ କଂଗ୍ରେସ ସଭାପତି ବହ୍ଲବାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ । ସେ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଜନତାଙ୍କୁ ଅବହେଳା କରି ଚାଲିଛନ୍ତି । ଆଗାମୀ ନିର୍ବାଚନରେ ଜନତା ଏହାର ଉଚିତ ଜବାବ ଦେବେ ବୋଲି ସେ କହିଥିଲେ । ଏଥିରେ ଇଂ.ନଳିନୀ କୁମାର ସ୍ୱାଇଁ, ପୂର୍ବତନ ପିସିସି ସଦସ୍ୟ ଧ୍ୱଜରାଜ ଖଣ୍ଡୁଆଳ,ଜିଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ, ନିତ୍ୟାନନ୍ଦ ଦାସ, ପଏଦା ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ୯ ଦଫା ଦାବି ସମ୍ପର୍କରେ କହିଥିଲେ । ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଲମ୍ବୋଦର ଖୁଣ୍ଟିଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

**ନାଉଗାଁ, (ସୁଧା ବେହୁରା):** ନାଉଗାଁରେ କଂଗ୍ରେସ ପକ୍ଷରୁ ୯ ଦଫା ଦାବିରେ ବ୍ଲକ କର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିପିଓ ଦିନେଶ ରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ସମୟରେ ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା,ବେଣୁଧର ସ୍ୱାଇଁ,ବିଚିତ୍ରା ନନ୍ଦ ଲେଙ୍କା,ଅଜିତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

**କୁଜଙ୍ଗ, (ମନୋଜ ପ୍ରଧାନ):** କୁଜଙ୍ଗରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ଦାସଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭାରେ କଂଗ୍ରେସର ଆବହକ ଏଏନଡି ଯାଦବ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷକ ସେଲ ସଭାପତି, ପାରାଦୀପ ନିର୍ବାଚନ ମଣ୍ଡଳୀ ହରିଜନ ପ୍ରକୋଷ୍ଠ ସଭାପତି ବିଶ୍ୱନାଥ ମଲ୍ଲିକ, ବରିଷ୍ଠ କର୍ମୀ ଦେବେନ୍ଦ୍ର ପାଣୀ, ପାରାଦ୍ୱୀପ ନଗର କଂଗ୍ରେସ ସଭାପତି ଅନୁପ ସାହାଣୀ, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ଜାନକି ମହାରଥା, ଯୁବ ସଂଗଠକ ଚିତ୍ତରଞ୍ଜନ ସାହୁ ଓ ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣି ପ୍ରମୁଖ ଯୋଗଦେଇଥିଲେ ।

## ସାମାଜିକ କର୍ମୀଙ୍କ ବିୟୋଗରେ ଶୋକ

ରମ୍ଭା (ବନବାସୀ ସେଠୀ): ରମ୍ଭା ସହରର ସାମାଜିକ କର୍ମୀ ତଥା ଶିଳ୍ପପତି ଓ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ସଭାପତି ଟି. ରାମମୂର୍ତ୍ତି ସୁବୁଦ୍ଧିଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ସ୍ନାୟୁ ଜନିତ ରୋଗରେ ପୀଡ଼ିତ ଥିଲେ ଏବଂ ବ୍ରହ୍ମପୁର ସିଟି ହସ୍ପିଟାଲ ଆଇସିୟୁରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ଶିଳ୍ପ ଓ ବଣିକ ସଂଘର ସଦସ୍ୟ, ଆତ୍ମୀୟ ସ୍ୱଜନ, ଗ୍ରାମବାସୀ ଓ ପରିବାର ବର୍ଗ ଏକତ୍ର ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କର ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ କରାଯାଇଥିଲା।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ କୃଷ୍ଣସାର ମୃଗ ମୃତ

ଗଞ୍ଜାମ,୧୮।୮(ବିଦ୍ୟାଧର ସାହୁ): ଗଞ୍ଜାମ ସହର ଦାମୋଦରପୁର ୧୬ ନମ୍ବର ଜାତୀୟ ରାଜପଥ ରଷିକୁଲ୍ୟା ବ୍ରିଜ ନିକଟରେ ଏକ ଗାଡ଼ି ଧକ୍କାରେ ଗୋଟିଏ କୃଷ୍ଣସାର ମୃଗର ମୃତ୍ୟୁ ହୋଇଛି। ବନ କର୍ମଚାରୀ ପହଞ୍ଚି ମୃଗଟିକୁ ଜବତ କରି ବ୍ୟବଚ୍ଛେଦ କରିଥିଲେ।

### ଜିଲା ଦାବି ହୋର୍ଡିଂକୁ ପ୍ରଶାସନ ଉପାଡ଼ିଦେଲା

ଭଞ୍ଜନଗର, ୧୮।୮(ବାବୁଲା ପ୍ରଧାନ): ଘୁମୁସର ବାହିନୀ ପକ୍ଷରୁ ଜିଲା ଦାବି ନେଇ ଗୁରୁବାର ଗଞ୍ଜାମ-କନ୍ଧମାଳ ଜିଲା ସୀମା ଦୁର୍ଗାପ୍ରସାଦରେ ଲଗାଯାଇଥିବା ହୋର୍ଡିଂକୁ ପୋଲିସ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଶୁକ୍ରବାର ଉପାଡି ଦିଆଯାଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଘୁମୁସର ବାହିନୀ କର୍ମକର୍ତ୍ତା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଆପତ୍ତି ଜଣାଇଛନ୍ତି। ଏଥିସହ ଶନିବାର ଘୁମୁସର ବାହିନୀ କର୍ମକର୍ତ୍ତାମାନେ ଏକ ବୈଠକ କରି ଆଗାମୀ ରଣନୀତି ଉପରେ ଆଲୋଚନା କରିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

### ମୁକ୍ତା ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

ଜି.ଉଦୟଗିରି,୧୮।୮ (ଶିଶିର ପଟ୍ଟନାୟକ): ଜି.ଉଦୟଗିରି ଏନଏସିଠାରେ ମୁକ୍ତା ଯୋଜନାରେ ୧୧ଟି ମିଶନ ଶକ୍ତି ଦଳକୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଭାରପ୍ରାପ୍ତ ଅଧକ୍ଷ ସନ୍ତୋଷ କୁମାର ବାଘଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ ମୁକ୍ତା ଯୋଜନା ସମ୍ପର୍କରେ ବୁଝାଇଥିଲେ। ୧୧ଟି କାର୍ଯ୍ୟାଦେଶ ୧୧ଟି ମିଶନ ଶକ୍ତି ଗ୍ରୁପ୍‌କୁ ଦିଆଯାଇଥିଲା। ପ୍ରକଳ୍ପ ସଂଯୋଜକ ପ୍ରଭାତ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମ୍ୟୁନିଟି ଅର୍ଗାନାଇଜର କେ. ଜୀବନ ଜ୍ୟୋତି ପାତ୍ର, ବରିଷ୍ଠ ସହାୟକ ସତ୍ୟପ୍ରକାଶ ମହାପାତ୍ର, ମୁକେଶ କୁମାର ନାୟକ ଏବଂ ସମସ୍ତ ଅଫିସ୍ ଷ୍ଟାଫ୍ ସହଯୋଗ କରିଥିଲେ।

# ଅଣଧାନ ଚାଷ ପ୍ରତି ଚାଷୀଙ୍କୁ ପ୍ରୋତ୍ସାହିତ କର

- ଖରିଫ ଚାଷ ଲକ୍ଷ୍ୟ ପୂରଣ ନିର୍ଦ୍ଦେଶ
- ଛତିଶଗଡରୁ ଆସିବ ଆଖୁ ଚାରା

ଛତ୍ରପୁର,୧୮।୮(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାରେ ଖରିଫ-୨୦୨୨-୨୩ ଚାଷ ସକାଶେ ବର୍ଷା ଜଳର ଅଭାବ ଥିଲା। ତାହା ଗତ ୩ଦିନରେ ହୋଇଥିବା ବର୍ଷା ଏବଂ ଆଗାମୀ କିଛିଦିନ ବର୍ଷା ହେଲେ ଚାଷ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ ବୋଲି ଜିଲା କୃଷି ରଣନୀତି ବୈଠକରେ ଜଣାପଡିଛି । ଜିଲାର କୃଷି ରଣନୀତି ବୈଠକ ଶୁକ୍ରବାର ଜିଲାପାଳଙ୍କ ସଭାବନା ସଭା କକ୍ଷଠାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଫେବୃୟାରୀ ୨୦ ତାରିଖରେ ହୋଇଥିବା ଜିଲା କୃଷି ରଣନୀତି ବୈଠକ ବିବରଣୀ ସମସ୍ତ ସଭ୍ୟସଭ୍ୟାଙ୍କ ଅବଗତି ନିମନ୍ତେ ଉପସ୍ଥାପନ ହୋଇଥିଲା । ଏଥିରେ କୌଣସି ଆପତ୍ତି ଅଭିଯୋଗ ନ ହେବା କାରଣରୁ ପ୍ରସ୍ତାବିତ ନିର୍ଦ୍ଧାରଣକୁ ଅନୁମୋଦନ କରାଯାଇଥିଲା ।ରବିଚାଷ-୨୦୨୨-୨୩ସକାଶେ ନିଆଯାଇଥିବା ୨୨୧୫୦୫ ହେକ୍ଟରକୁ ଲକ୍ଷ୍ୟ ଧାର୍ଯ୍ୟରୁ ୨୨୧୫୦୩ ହେକ୍ଟର ଫସଲ ହୋଇଥିବା ଜଣାଯାଇଛି । ୨୩୨୦୦ ମେଟ୍ରିକ ଟନ ରାସାୟନିକ ସାର ବିନିଯୋଗ କରିବା ଲକ୍ଷ୍ୟ ଧାର୍ଯ୍ୟରୁ ୧୬୮୯୪.୨୨୮ ମେଟ୍ରିକ ଟନ ରାସାୟନିକ ସାର ପ୍ରୟୋଗ ହେବା କାରଣରୁ ଧାନ ଏବଂ ଡାଲି ଜାତୀୟ ଫସଲ ଚାଷ ଆଖିଦୃଷ୍ଟିଆ ଭାବେ କୃଷି ହୋଇପାରୁଛି । କ୍ଲଷ୍ଟରସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇ ଚାଷ କାର୍ଯ୍ୟ କରାଗଲେ ଚାଷୀକୁଳ ଉପକୃତ ହେବ । ଚାଷୀମାନେ ନିଜ ଫସଲର କିଣାବିକା କରିବା ସହିତ ସେମାନଙ୍କ ଉତ୍ପାଦିତ ଫସଲକୁ ଶୀତତାପ ନିୟନ୍ତ୍ରିତ ଗୋଦାମରେ ରଖି ଚାଷର ଉଚିତ ମୂଲ୍ୟ ପାଇପାରିବେ । ଏଥି ନିମନ୍ତେ ସମସ୍ତ ବ୍ୟବସ୍ଥା କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ଧାନ ବ୍ୟତୀତ ଅନ୍ୟାନ୍ୟ ଫସଲ ଚାଷ ଦିଗରେ ଚାଷୀଙ୍କୁ ପ୍ରୋତ୍ସାହିତ କରାଗଲେ ସେମାନେ ଉପକୃତ ହୋଇ ପାରିବେ । ବର୍ତ୍ତମାନ ତୁଳାର ଚାହିଦା ରହିଛି । ଏହାର ଦର ମଧ୍ୟ ଅଧିକ ଅଛି । ଏଥିପ୍ରତି ଚାଷୀ କୂଳ ଆଗ୍ରହୀ ହେଲେ ଆଗାମୀ ଦିନରେ ଅଧିକ ଲାଭବାନ ହୋଇପାରିବେ । ଚଳିତ ଖରିଫ ଚାଷ ସକାଶେ ପ୍ରଦାନ କରାଯାଇଥିବା ଲକ୍ଷ୍ୟ ଧାର୍ଯ୍ୟ ଯେମିତି ଶତ ପ୍ରତିଶତ ପୂରଣ ହେବ ସେ ଦିଗରେ ଦୃଷ୍ଟି ଦେବାକୁ ଜିଲାପାଳ ଅବଗତ କରାଇଥିଲେ । ମାଣ୍ଡିଆ ଚାଷକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ତେଣୁ ଏହି ଚାଷ ଦ୍ୱାରା ଚାଷୀକୁଳ ଅଧିକ ଲାଭବାନ ହୋଇ ପାରୁଛନ୍ତି । ମାଣ୍ଡିଆ ଚାଷ ପ୍ରତି କୃଷକ ମାନଙ୍କୁ ପ୍ରୋତ୍ସାହିତ କରିବାକୁ କୁହାଯାଇଛି। ଚାଷୀଙ୍କୁ ଚାରା ଏବଂ ସାର ଯୋଗାଇ ଦେବାରେ ଯେମିତି ଅସୁବିଧା ହେବ ନାହିଁ ସେ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି । ମାଟିର ଉର୍ବରତା ପରୀକ୍ଷା କରି ଠିକ ସାର ପ୍ରୟୋଗ ହୋଇ ପାରିଲେ ଚାଷ ଉନ୍ନତ ଧରଣର ହୋଇ ପାରିବ । ୨୦୨୨-୨୩ ଚାଷ ସକାଶେ ୧୫୦୦ ମାଟିର ଉର୍ବରତା ପରୀକ୍ଷା ସକାଶେ ଲକ୍ଷ୍ୟ ଧାର୍ଯ୍ୟ. କରାଯାଇଥିଲା ଯାହାକି ସମ୍ପୂର୍ଣ୍ଣ ହୋଇ ୧୩୨୮୨ ଗୋଟି ମାଟି ସ୍ୱାସ୍ଥ୍ୟ କାର୍ଡ କରାଯାଇଛି । ଜଳ ସେଚନ ବିଭାଗର ପ୍ରାପ୍ତ ତଥ୍ୟ ଅନୁସାରେ ୨୦୨୩ ଖରିଫ ଚାଷ ସକାଶେ ଜିଲାର ୩୦୨୧୦୯ ହେକ୍ଟର ଜମିକୁ ଜଳ ସେଚନ କରାଯାଇପାରୁଛି । ଜିଲାରେ ଆଖୁ ଚାଷ ସକାଶେ ଅନୁକୂଳ ପରିବେଶ ଓ ଭିତ୍ତିଭୂମି ରହିଥିବା ହେତୁ ଆଖୁ ଚାଷ ନିମନ୍ତେ ଗୁରୁତ୍ୱ ଦିଆଯାଇଛି । ଆଖୁ ଚାଷ ସକାଶେ ଛତିଶଗଡରେ ଉନ୍ନତ ଚାରା ଉପଲବ୍ଧ । ତେଣୁ ସେଠାରୁ ଚାରା ଆମଦାନୀ କରି କୃଷକଙ୍କୁ ଯୋଗାଇ ଦେବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଜିଲାପାଳ ଗୁରୁତ୍ୱା ଆରୋପ କରିଥିଲେ । ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ, କୃଷି ଉନ୍ନୟନ ଅଧିକାରୀ, ଭଞ୍ଜନଗର ସୁଧାଂଶୁ କୁମାର ନନ୍ଦ, କୃଷି ଉନ୍ନୟନ ଅଧିକାରୀ ଆସିକା ପ୍ରଦୀପ କୁମାର ଦାଶ, କୃଷି ଉନ୍ନୟନ ଅଧିକାରୀ ବ୍ରହ୍ମପୁର ସୁକେଶ ଚନ୍ଦ୍ର ମଲ୍ଲିକ, ଡି.ଆର୍.ସି.ଏସ. ବିପ୍ର ରଞ୍ଜନ ଦାଶ, ବରିଷ୍ଠ କୃଷି ବିଜ୍ଞାନବିତ୍ ଡ. ସୁଜିତ କୁମାର ନାଥ, କୃଷି ବିଭାଗୀୟ ସମସ୍ତ ଅଧିକାରୀ, ଉଦ୍ୟାନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭତ୍ତା ପାଇଁ ଟ୍ରଲିରେ ବୁହାହେଲେ ୯୫ ବର୍ଷର ବୃଦ୍ଧା



ଟ୍ରଲିରେ ବୃଦ୍ଧା ମା'ଙ୍କୁ ଭତ୍ତା ଆଣିବା ପାଇଁ ନେଉଛନ୍ତି।

ପାରଳାଖେମୁଣ୍ଡି,୧୮।୮ (ଗିରିଧାରୀ ପରିଚ୍ଛା):

ଭତ୍ତା ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର ବ୍ୟବସ୍ଥା ବନ୍ଦ କରି ହିତାଧିକାରୀଙ୍କ ହାତରେ ଭତ୍ତା ଦେବା ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର। ଯେଉଁ ହିତାଧିକାରୀ ଚାଲି ପାରୁନାହାନ୍ତି ସେମାନଙ୍କୁ ଘରେ ଭତ୍ତା ଟଙ୍କା ଦିଆଯିବା ବ୍ୟବସ୍ଥା ମଧ୍ୟ କରିଛନ୍ତି। ହେଲେ ଜଣେ ୯୫ ବର୍ଷର ବୃଦ୍ଧାଙ୍କୁ ଭତ୍ତା ପାଇବା ପାଇଁ ନାକେଦମ ହେବାକୁ ପଡ଼ିଛି। ଗଜପତି ଜିଲା ପାରଳାଖେମୁଣ୍ଡି ୱାର୍ ନମ୍ବର ୧୨ର ଲବଙ୍ଗ ଗୟାଙ୍କୁ ତିନିମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ମିଳିନଥିଲା। ତାଙ୍କ ସମ୍ପର୍କୀୟ ଏକ ଟ୍ରଲିରେ ତାଙ୍କୁ ବୋହି ପ୍ରଥମେ ବ୍ୟାଙ୍କ ଓ ପରେ ପୌରପାଳିକା କାର୍ଯ୍ୟାଳୟକୁ ଆଣିବା ପରେ ତାଙ୍କୁ ଭତ୍ତା ଟଙ୍କା ମିଳିଛି। ବୟସାଧିକ କାରଣରୁ ଲବଙ୍ଗ ଏବେ ଚାଲିବାକୁ ଅକ୍ଷମ। ଫଳରେ ସେ ଭତ୍ତା ଆଣିବା ପାଇଁ ଆଉ ଯାଇପାରୁ ନାହାନ୍ତି। ତେଣୁ ତାଙ୍କ ନାତି ଏକ ଟ୍ରଲିରେ ଭତ୍ତା ଟଙ୍କା ଆଣିବାକୁ ବ୍ୟାଙ୍କକୁ ନେଇଥିଲେ। ପୌରପାଳିକା ଅଫିସକୁ ଟଙ୍କା ପଠାଇ ଦିଆଯାଇଥିବା ବ୍ୟାଙ୍କ କର୍ତ୍ତପକ୍ଷ କହିଥିଲେ। ପରେ ବୃଦ୍ଧାଙ୍କ ଝିଅ ଡାଳିମ୍ବ ବେଣିଆ ଓ ନାତି ଟ୍ରଲିରେ ଲବଙ୍ଗଙ୍କୁ ନେଇ ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଲବଙ୍ଗଙ୍କୁ ବକେୟା ଭତ୍ତା ଟଙ୍କା ମିଳିଥିଲା। ଏ ସମ୍ପର୍କରେ ପାରଳା ପୌରପାଳିକାର ନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ କହିଛନ୍ତି ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନେବେ।

## ଭାଜପାର ମାରାଥନ ଜନ ସମ୍ପର୍କ ପଦଯାତ୍ରା

ବେଗୁନିଆପଡ଼ା,୧୮।୮(ସୁଶାନ୍ତ ପଟ୍ଟନାୟକ)

ଭାଜପା ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅଗାଁର ଗାଁ ମଣ୍ଡଳରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୋଦି ସରକାରଙ୍କର ୯ ବର୍ଷର ସୁଶାସନର ବାର୍ତ୍ତାକୁ ଲୋକଙ୍କ ପାଖରେ ଓ ଗରିବ କଲ୍ୟାଣ ଯୋଜନାର ସଫଳ ରୂପାୟନକୁ ନେଇ ଭାଜପା ପକ୍ଷରୁ ପଦ ଯାତ୍ରା ଜାରିରହିଛି। ଭାଜପା କୃଷକ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ନାୟକ ଯୋଗଦେଇ ପଦଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବରିଷ୍ଠ ନେତା ପ୍ରତାପ ନାୟକ, କିଶୋର ସ୍ୱାଇଁ, ଲଳିତ ସ୍ୱାଇଁ, ଶିବ ଶଙ୍କର ତାରେଣୀ, ମିଥୁନ ଡାକୁଆ, ରତନ ବିଷୋୟୀ ଗୌରୀ ବାହିନୀପତି, ସୂର୍ଯ୍ୟାଂଶୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା କର୍ମୀମାନେ ଜନ ସମ୍ପର୍କ ପଦଯାତ୍ରାରେ ଯାଉଛନ୍ତି।

## ଭତ୍ତା ପାଇଲେ ୧୭୪ ହିତାଧିକାରୀ

ଆର.ଉଦୟଗିରି,୧୮।୮(ମନୋଜ କୁମାର ପାଢୀ)

ମଧୁବାବୁ ପେନ୍‌ସନ ଯୋଜନାରେ ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ୧୭ ପଞ୍ଚାୟତର ୧୭୪ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯାଇଛି। ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ବାଲା ରାଜୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ବ୍ଲକ ଅଧ୍ୟକ୍ଷ, ବିଡିଓ, ଉପାଧ୍ୟକ୍ଷା ଓ ବିଧାୟକ ପ୍ରତିନିଧି ପ୍ରମୁଖ ସାମିଲ ଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଅଧିକାରୀ ଅରଣ କୁମାର ଉଦୟଭାନୁ ପରିଚାଳନା କରିଥିଲେ।

## ୩ ଦଫା ଦାବିରେ ଖବରଦାତାଙ୍କ ପଦଯାତ୍ରା

ଧରାକୋଟ,୧୮।୮(ବିଷ୍ଣୁକେଶରୀ ଆଚାର୍ଯ୍ୟ) :

ଧରାକୋଟ ବ୍ଲକର ଜାହାଡ଼ା ଗ୍ରାମର ରବି ନନ୍ଦନ ପ୍ରଧାନ ନାମକ ଜଣେ ଖବରଦାତା ୩ ଦଫା ଦାବି ସମ୍ବଳିତ ଏକ ପତ୍ର ଗଞ୍ଜାମ ଜିଲାପାଳଙ୍କୁ ପ୍ରଦାନ କରିବାକୁ ଗୁରୁବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଦଯାତ୍ରାରେ ବାହାରିଛନ୍ତି। ଦାବି ମଧ୍ୟରେ ଗଞ୍ଜାମ ଜିଲାର ଦାଦନ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଏଠାରେ ଏକ ସୂତାକଳ ସ୍ଥାପନ କରିବା ଏବଂ ସେହି ସମୟ ପର୍ଯ୍ୟନ୍ତ ଏଠାରୁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଥିବା ଶ୍ରମିକମାନଙ୍କୁ ରେଳ ଯାତ୍ରା ପାଇଁ ପାସ୍ ପ୍ରଦାନ କରିବା, ଦ୍ୱିତୀୟତଃ ବାହାର ରାଜ୍ୟରେ ମୃତ୍ୟୁବରଣ କରୁଥିବା ଶ୍ରମିକମାନଙ୍କ ଶବକୁ ନିଜ ଗାଁକୁ ଆଣିବା ପାଇଁ ରାଜ୍ୟ ସରକାର ଓଡ଼ିଶା ମୋ ପରିବାର ତରଫରୁ ବ୍ୟବସ୍ଥା କରିଛନ୍ତି। ଯେଉଁମାନେ ଆତ୍ମୀୟ ପରିଜନମାନଙ୍କ ଶବକୁ ଭିଟାମାଟିକୁ ଆଣିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି ସେମାନଙ୍କୁ ସେହି ବାବଦର ଅର୍ଥ ରାଶି ପ୍ରଦାନ କରାଯାଉ, ତୃତୀୟତଃ ଗଞ୍ଜାମ ଜିଲାରେ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ଜଳସେଚନ ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯିବା ସହ ନୂତନ ବ୍ୟାରେଜ, ଚେକ୍ ଡ୍ୟାମ,କେନାଲ ନିର୍ମାଣ ସହ ଜଳଉତ୍ସଗୁଡ଼ିକର ଉନ୍ନତୀକରଣ କରାଯାଉ। ଏହି ତିନିଦଫା ଦାବି ସମ୍ବଳିତ ପତ୍ର ସେ ଧରାକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

# ୯ ଦଫା ଦାବିରେ କଂଗ୍ରେସର ବ୍ଲକ ଅଫିସ ଘେରାଉ

ପାରଳାଖେମୁଣ୍ଡି, ୧୮।୮(ଗିରିଧାରୀ ପରିଚ୍ଛା):

ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟର ସମସ୍ତ ବ୍ଲକ ଘେରାଉ କରିଛି କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଗଜପତି ଜିଲାର ଗୋଷାଣୀ, କାଶୀନଗର ଓ ଗୁମ୍ମା ସମେତ ସମସ୍ତ ୭ଟି ବ୍ଲକରେ ମଧ୍ୟ ଘେରାଉ କରାଯାଇଛି । ପ୍ରଦେଶ କଂଗ୍ରେସର ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଘେରାଉ କରାଯାଇଥିଲା । ବ୍ଲକଗୁଡିକରେ ବ୍ୟାପକ ପିସି କାରବାର, ଆବାସ ଯୋଜନାରେ ଦୁର୍ନୀତି, ଦରଦାମ ବୃଦ୍ଧି, ନାରୀ ନିର୍ଯାତନା, ଚାଷୀମାରଣ ନୀତି, ଟାଟା କମ୍ପାନୀର ଖାଉଟି ବିରୋଧୀ ବିଜୁଳି ନୀତିର ବିରୋଧ କରି ଘେରାଉ କରାଯାଇଥିଲା । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ଦଫା ସମ୍ବଳିତ ଦାବିପତ୍ର ଗୋଷାଣି ବିଡିଓ ଅଜୟ କୁମାର ପ୍ରଧାନ ଏବଂ କାଶୀନଗର ବିଡିଓ କପିଳେଶ୍ୱର ତାଣ୍ଡିଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଗୋଷାଣୀ ବ୍ଲକରେ ଜିଲା କଂଗ୍ରେସ ନେତା ସଞ୍ଜୟ କୁମାର ଅଧିକାରୀ, ଅଭିମନ୍ୟୁ ପଣ୍ଡା, ବସନ୍ତ ପଣ୍ଡା ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୂର୍ଯ୍ୟନାରାୟଣ ପାତ୍ର, ଅଶୋକ କୁମାର ଅଧିକାରୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି କାଶୀନଗର ବ୍ଲକରେ ରାମ ପ୍ରସାଦ ପଟ୍ଟନାୟକ, ସୁକାନ୍ତି ଶବର, ତାୱାରା ନାଇଡୁ ବୋଡାଲା ରାବଣା, ମୋଜେସ ଇତ, ସାମୁଏଲ ଗମାଙ୍ଗ, ଜିକ୍ରିୟ ନାଇକା, ଆୟୁବ ଭୂୟାଁ, ୱାଇ. ପାର୍ଥସାରଥି, ଏସ୍.ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଗୁମ୍ମରେ ବ୍ଲକ ସଭାପତି ଲଳିତ ମୋହନ ଦଣ୍ଡସେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଅନୁପ ଅଭିଷେକ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ସୋରଡା (ଲମ୍ବୋଦର ପାଣିଗ୍ରାହୀ)**

ବ୍ଲକ କଂଗ୍ରେସ ସଭାପତି ହରେକୃଷ୍ଣ ରଥଙ୍କ ନେତୃତ୍ୱରେ ବ୍ଲକ ଘେରାଉ କରାଯାଇଛି। ବଡକାଳି ମନ୍ଦିରରୁ ଶୋଭାଯାତ୍ରା ବାହାରି ଆଉପମଣ୍ଡପ, ବଡଦାଣ୍ଡ, ରଥପଦା,ଗଣିଛକ ବ୍ୟାଙ୍କ ଲାଇନ, ଅଫିସ ଲାଇନ ହୋଇ ବ୍ଲକ ଅଫିସରେ ପହଞ୍ଚିଥିଲେ।

**କ.ନୂଆଗାଁ (କାଳି ପ୍ରସାଦ ତ୍ରିପାଠୀ)**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ କଂଗ୍ରେସ କର୍ମୀମାନେ ହନୁମାନ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସରେ ପହଞ୍ଚିଥିଲେ। ବିଡିଓ ଜୟଦେବ ଦାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶୋଭାଯାତ୍ରାରେ ପିସିସି ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବ୍ଲକ ସଭାପତି ଜିତେନ୍ଦ୍ର କୁମାର ଦିଗାଲ, ବରିଷ୍ଠ କଂଗ୍ରେସ ନେତା ଉପେନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ସଭାପତି ଆକାଶ ପ୍ରଧାନ, ସୁରଥ ଦିଗାଲ, ରାଧାମୋହନ ସାହୁ, ଧ୍ରୁବ ଚରଣ ଦିଗାଲଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

**ଧରାକୋଟ (ବିଷ୍ଣୁକେଶରୀ ଆଚାର୍ଯ୍ୟ)**

ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ନେତୃତ୍ୱରେ ଧରାକୋଟ ବ୍ଲକ ଘେରାଉ କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ସୁନୀଲ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରତିନିଧି ଶତ୍ରୁଘ୍ନ ଗୌଡ଼, ସୁନୀଲ କୁମାର ଚୌଧୁରୀ, ସୁଧାକର ସ୍ୱାଇଁ, ପ୍ରସନ୍ନ ପ୍ରଧାନ,ଶିବରାମ ବାଡତ୍ୟା, ପାଣ୍ଡବ ଭୂୟାଁ, ଅନ୍ତର୍ଯ୍ୟାମୀ ପ୍ରଧାନ, ବିଭୂତି ଭୂଷଣ ସ୍ୱାଇଁ, ପ୍ରଫୁଲ୍ଲ ଦାସ ଓ ସନ୍ତୋଷ ଭୂୟାଁ ପ୍ରମୁଖ ବିଡିଓ ଡେନିସ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**ଫିରିଙ୍ଗିଆ(ବିକ୍ରମ ଦିଗାଲ)**

ଫିରିଙ୍ଗିଆ କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ କରାଯାଇଛି। ସଭାପତି ତାଳେଶ୍ୱର କହଁରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡିଓଙ୍କ ଅନୁପସ୍ଥିତିରେ ହିସାବ ରକ୍ଷକ ଅନୁଗ୍ରହ ସଚିନ ଜାଠେଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ସାଧାରଣ ସମ୍ପାଦକ କୃପାସିନ୍ଧୁ ବିଶୋଇଙ୍କ ସହ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଭଞ୍ଜନଗର (ବାବୁଲା ପ୍ରଧାନ)**

ଭଞ୍ଜନଗର ବ୍ଲକ କଂଗ୍ରେସ ପକ୍ଷରୁ ବିଡିଓ ଶଶିଭୂଷଣ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭଞ୍ଜନଗର ଏବଂ ଜଗନ୍ନାଥ ପ୍ରସାଦରେ ବିକ୍ଷୋଭ ସମୟରେ ପିସିସି ସଭ୍ୟ ଦେବୀ ବିଶୋଇ, ପିସିସି ସମ୍ପାଦକ ସନ୍ତୋଷ ଦିଗାଲ, ଜିଲା ସମ୍ପାଦକ ଜବାହରଲାଲ ସାହୁ, ନାରାୟଣ ସେଠୀ, ଜଗନ୍ନାଥପ୍ରସାଦ ବ୍ଲକ ସଭାପତି ବିଦ୍ୟାଧର ପ୍ରଧାନ, ଯୁବ ସଭାପତି ସନ୍ତୋଷ କୁମାର ପ୍ରଧାନ, ଛାତ୍ର ସଭାପତି ବିନାୟକ ପାଣିଗ୍ରାହୀ, ଯୁବନେତା ଗିରିଜା ଶଙ୍କର ଭୂୟାଁ, ଆଇନଜୀବୀ ସହସ୍ରାଂଶୁ ରାଉତ, ବିକ୍ରମ ବିଶୋଇ, ଭାସ୍କର ପତି, ସନ୍ତୋଷ ଗୌଡ଼, ସୀମାଞ୍ଚଳ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବେଲଗୁଣ୍ଠାଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସନ୍ତୋଷ ନାୟକ, ବ୍ଲକ ସଭାପତି ନୃସିଂହ ସାହୁ, ଟି. ତ୍ରିପତି ପାତ୍ର, ବାବୁଲି ବିନ୍ଧାଣୀରା, ଘନଶ୍ୟାମ ଜେନା, ଅନିଲ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।




ଭଞ୍ଜନଗରଠାରେ କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ପାତ୍ରପୁର(ଉମା ଚରଣ ନେପାକ)**

ଚିକିଟି କଂଗ୍ରେସ ପକ୍ଷରୁ ଶଙ୍କର ଅଧିକାରୀଙ୍କ ନେତୃତ୍ୱରେ ପାତ୍ରପୁର ମୁଖ୍ୟ ବସଷ୍ଟାଣ୍ଡଠାରୁ ପଦଯାତ୍ରା କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପାତ୍ରପୁର ବିଡିଓଙ୍କୁ ପ୍ରଦାନ କରାଯାଇଛି । ଦରଦାମ ବୃଦ୍ଧି, ପିସି କାରାବାର, ନାରୀ ନର୍ଯାତନା, ଚାଷୀମାରଣ ନୀତି, ଟାଟା ପାୱାର, ଆବାସ ଯୋଜନା ଦୁର୍ନିତୀର ତଦନ୍ତ ସମ୍ପର୍କିତ ଦାବିପତ୍ରକୁ ବିଡିଓ ସୁମନ ସୁଦ୍ଧା କୁଣ୍ଟୁ ଗ୍ରହଣ କରିଛନ୍ତି। କାଳିଆ ଅଧିକାରୀ, ଗୌରାଙ୍ଗ ନେପାକ, ପିତବାସ ମହାନ୍ତି ପ୍ରମୁଖଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ ।

**ଶେରଗଡ଼ (ସୂର୍ଯ୍ୟନାରାୟଣ ଦାଶ)**

ଶେରଗଡ ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଭାପତି କୁନା ବିଷୋୟୀଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଚାରି ଛକରେ ରୁଣ୍ଡ ହୋଇଥିଲେ। ବିଡିଓ ଶିବାଶିଷ ବରାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ବିକ୍ଷୋଭରେ ହିଞ୍ଜିଳିକାଟୁ ପୌର ପରିଷଦର ସଭାପତି ସୁନାରାମ ସାବତ, ହିଞ୍ଜିଳିକାଟୁ ବ୍ଲକ ସଭାପତି ଶିବରାମ ପ୍ରଧାନ, ସୁନିଲ ମହାନ୍ତି, ରଜେଇ ବିଷୋୟୀ, ମହେନ୍ଦ୍ର ସାହୁ, ବଳରାମ ସାହୁ, ରବିନ୍ଦ୍ର ପାଣିଗ୍ରାହୀ, ଶତ୍ରୁଘ୍ନ ନାୟକଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

**କାଶୀନଗର(ଟି.କ୍ରିଷ୍ଣା ରାଓ)**

କାଶୀନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବିଡିଓ କପିଳେଶ୍ୱର ତାଣ୍ଡିଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାନେତ୍ରୀ ସୁକାନ୍ତି ଶବର, ଶିଆଳି ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ, ଟି. ନାଇଡୁ , ବି. ରାବଣା, ପୂର୍ବତନ ସରପଞ୍ଚ ମଜେଶ ରଇତ , ସାମୁଏଲ ଗମାଙ୍ଗ, ଯୁବନେତା ଜିକ୍ରିୟ ନାଇକା, ଆୟୁବ ଭୂୟାଁ, ୱାଇ. ପାର୍ଥସାରଥୀ, ଶୁଭ୍ରାଂଶୁ ପାତ୍ର ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

**ହାତୀଓଟ (ରଞ୍ଜୟ ପାଣିଗ୍ରାହୀ)**

ଗଞ୍ଜାମ ଜିଲା ସଭାପତି ରମେଶ ଜେନାଙ୍କ ଆହ୍ୱାନ କ୍ରମେ ପୋଲସରା ପ୍ରଦେଶ କଂଗ୍ରେସ ସଦସ୍ୟ ତଥା ଜିଲା ସମ୍ପାଦକ ଓ ବରିଷ୍ଠ ଆଇନଜୀବୀ ଅଗସ୍ତି ବରାଡଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ବିଡ଼ିଓଙ୍କୁ ଦାବିପତ୍ର ଦେଇଛନ୍ତି। ଆନ୍ଦୋଳନରେ କଂଗ୍ରେସ ବ୍ଲକ ସଭାପତି ଭୋବନୀ ସାହୁ, ଗୋବିନ୍ଦ ମିଶ୍ର ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

**ପୁରୁଷୋତ୍ତମପୁର (ସୀମାଞ୍ଚଳ ମିଶ୍ର)**

ପୁରଷୋତ୍ତମପୁର ବ୍ଲକ କାର୍ଯ୍ୟାଳୟକୁ କଂଗ୍ରେସ ପକ୍ଷରୁ ଘେରାଉ କରାଯାଇଛି। ସଭାପତି ମନୋରଞ୍ଜନ ଦାଶଙ୍କ ନେତୃତ୍ୱରେ କର୍ମୀମାନେ ନାରାଦେଇ ବ୍ଲକ କାର୍ଯାଳୟକୁ ଆସିଥିଲେ। ରାଜ୍ୟପାଳଙ୍କ ଉଦେଶ୍ୟରେ ଏକ ସ୍ମାରକ ପତ୍ର ଏବିଡିଓ ନିରାକାର ଜେନାଙ୍କୁ ପ୍ରଦାନ କରିଥିଲେ। ବରିଷ୍ଠ ନେତା ଭୋକାଲି ସେଠୀ, ମାଧବାନନ୍ଦ ଦାଶ, ଶୁଶାନ୍ତ ଗୌଡ, ପ୍ରଦୀପ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

**ଦାରିଙ୍ଗବାଡି(ଅରୁଣ ସାହୁ )**

କନ୍ଧମାଳ ଜିଲା ଦାରିଙ୍ଗବାଡି କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବିକ୍ଷୋଭ ବେଳେ ଦଳର ବରିଷ୍ଠ ନେତା ଜାକବ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ଅମିର ଚାନ୍ଦ ନାୟକ, ବିଦ୍ୟାଧର ମଲିକ, କରୁଣାକର ପ୍ରଧାନ, ନେତ୍ରୀ ଶିମଲାରାଣୀ ପଡ୍ରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

**କୁକୁଡ଼ାଖଣ୍ଡି (ପ୍ରତାପ କୁମାର ସାହୁ)**

କଂଗ୍ରେସ ପକ୍ଷରୁ କୁକୁଡାଖଣ୍ଡି ବ୍ଲକ ଘେରାଉ କରାଯାଇଛି । ୯ ଦଫା ଦାବି ନେଇ କୁକୁଡାଖଣ୍ଡି ବିଡିଓ ଡ଼.ପଲ୍ଲବୀ ସ୍ୱାଇଁଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ପି.ଶିବପ୍ରସାଦ ଦୋରା,ବରିଷ୍ଠ କଂଗ୍ରେସ ନେତା ସାକା ସୁଜିତ, ପୂର୍ବତନ ସରପଞ୍ଚ ଅଦଲ ଭରତ,ଅ ସିତ କୁମାର ନାୟକ,ବିନୋଦ ଚନ୍ଦ୍ର, ବାବୁ ଗୌଡ଼, ରାମକୃଷ୍ଣ ନାହାକ, ଅରୁଣ ଗୌଡ଼ ଓ ମୁରଲୀ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

**ଖଜୁରୀପଡ଼ା (ବିଦୁର ବେହେରା)**

ଖଜୁରୀପଡ଼ା ବ୍ଲକ କଂଗ୍ରେସ ସଭାପତି ସ୍ୱାଧୀନ ବେହେରାଙ୍କ ନେତୃତ୍ୱରେ ବ୍ଲକ ଘେରାଉ କରାଯାଇଛି। ଆଇନ ସେଲ ବିଭାଗ ଜିଲା ସଭାପତି ପିତାମ୍ବର ସାହୁ, ସୁଦ୍ରୁକୁମ୍ପା ସରପଞ୍ଚ ଦଶରଥ ଯାନୀ, କମଳ ବେହେରା, ପ୍ରକାଶ ବେହେରା, କାଳିଆ ବେହେରା, ଜଗନ୍ନାଥ ବେହେରା, ପ୍ରକାଶ ବେହେରା, ଦାଶିଆ ଗଣ୍ଡା, ଚୁନା ଦିଗାଲ, ଗୌର ଚରଣ ବେହେରା, କୁବେର ବେହେରା ପ୍ରମୁଖ ୯ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ବିଡ଼ିଓ ଅନୁପମା ଘୋଷଙ୍କୁ ପ୍ରଦାନ କରିଛନ୍ତି।

**ଜି.ଉଦୟଗିରି (ଶିଶିର ପଟ୍ଟନାୟକ)**

ଜି.ଉଦୟଗିରି ନଗର ଏବଂ ବ୍ଲକ କଂଗ୍ରେସ ତରଫରୁ ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ସଭାପତି ସଦାନନ୍ଦ ନାୟକ, ପୂର୍ବତନ ନଗର କଂଗ୍ରେସ ସଭାପତି ଗଗନ କୁମାର ପ୍ରଧାନ, କାଉନସିଲର ଜାକେଶ ପ୍ରଧାନ, ବରିଷ୍ଠ କଂଗ୍ରେସ କର୍ମୀ ବୀରେନ୍ଦ୍ର ମହାମଲ୍ଲିକ, ସୂର୍ଯ୍ୟକାନ୍ତ ନାୟକ, ଜିଲା ମହିଳା ସଭାନେତ୍ରୀ ରୁଦା ମଲ୍ଲିକ, ମଧୁଲିନା ଦିଗାଲ, ଆଞ୍ଜୁମ ଅହମଦ, ଜିଖରୀୟ ନାୟକ ଯୋଗ ଦେଇଥିଲେ।

**ଦିଗପହଣ୍ଡି (ଅଶେଷ ନାଥ ମିଶ୍ର)**

ନଗର କଂଗ୍ରେସ ଓ ବ୍ଲକ କଂଗ୍ରେସ ପକ୍ଷରୁ ଦିଗପହଣ୍ଡି ବ୍ଲକ ଘେରାଉ କରାଯାଇଛି। ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧିଦଳ ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲା କଂଗ୍ରେସ କମିଟି ସମ୍ପାଦକ କେ. କୁନା, ନଗର କଂଗ୍ରେସ ସଭାପତି ଦୀପକ କୁମାର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଅଭିମନ୍ୟୁ ଜାନୀ, କାଉନସିଲର ସୁନୀଲ ପଣ୍ଡା, ପୂର୍ବତନ ସରପଞ୍ଚ ପିତାମ୍ବର ଗୌଡ, ରସାନନ୍ଦ ରାଉତ, ବୃନ୍ଦାବନ ପାଣିଗ୍ରାହୀ, ରଞ୍ଜିତ ବେହେରା, କୈଳାସ ରଣା, ଉମ୍ବରୁଧର ବେହେରା, ଭୀମ ଗୌଡ଼ଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

**ନୂଆଗଡ଼ (ଯଜ୍ଞବନ୍ତ ପରିଚ୍ଛା)**

ଗଜପତି ଜିଲା ନୂଆଗଡ଼ରେ କଂଗ୍ରେସ ସଭାପତି ଯାକୁବ ରଇତଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଛି। ବ୍ଲକ ସଭାପତି ମିନ ମଣ୍ଡଳ, ଜିଲା ସମ୍ପାଦକ ପୁରୁଷୋତ୍ତମ ପାଣିଗ୍ରାହୀ ସମେତ ଶତାଧିକ ଅଞ୍ଚଳର କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

**ବେଗୁନିଆପଡ଼ା (ସୁଶାନ୍ତ ପଟ୍ଟନାୟକ)**

ବେଗୁନିଆପଡ଼ାରେ କଂଗ୍ରେସ କମିଟି ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। କମିଟି ସଭାପତି ବୁଲା ଜେନାଙ୍କ ସଭାପତିତ୍ୱରେ ହୋଇଥିବା ପ୍ରତିବାଦ ସଭାରେ ପିସିସି ସଭ୍ୟ ବିଜୟ କୁମାର ସାହୁ, ପ୍ରସନ୍ନ କୁମାର ରଥ, ପବିତ୍ର ସାମନ୍ତରାୟ, ରାଘବ ତାରେଣୀ, ଦୀପକ କୁମାର ଜେନା, ସୁଶାନ୍ତ କୁମାର ସେଠୀ, ଦିଲ୍ଲିପ କୁମାର ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ପରେ ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ନିରଞ୍ଜନ ବେହେରାଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଏମ୍‌ଏମ୍‌ଏସ୍‌ୱାଇ ରାସ୍ତା ନିର୍ମାଣରେ ଅନିୟମିତତା

ଯାଜପୁର,୧୮।୮(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ଅଧୀନରେ ଥିବା ଯାଜପୁର ନିର୍ମାଣ ଡିଭିଜନ-୧ ବିଭାଗରେ ଠିକାଦାରି ରାଜନୀତି ଅଣାୟତ୍ତ ହେବାରେ ଲାଗିଛି। ଆଭ୍ୟନ୍ତର ଅଞ୍ଚଳବାସୀଙ୍କ ପାଇଁ ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ମରାମତି ନାମରେ ବିପୁଳ କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ବ୍ୟାପକ ପିସି କାରବାର ଓ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟରେ ବିଳମ୍ବ କିମ୍ବା ନିମ୍ନମାନର କାର୍ଯ୍ୟ ଅଭିଯୋଗ ହେଲେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କେବଳ କାରଣ ଦର୍ଶାଅ ନୋଟିସ ଜାରି କରି ନୀରବୀ ଯାଉଥିବା ଦେଖିବାକୁ ମିଳୁଛି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଏମ୍‌ଏମ୍‌ଏସ୍‌ୱାଇ)ରେ ବଉଳାଙ୍ଗଠାରୁ ଆଖୁଆ ସାହି ଏବଂ ନନ୍ଦୀପୁରଠାରୁ ଜୟନ୍ତିରା ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତା ଓ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସମ୍ପୃକ୍ତ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ଶୀତଳ ଚନ୍ଦ୍ର ସାହାଣୀ ଏବଂ ଶରତ ଚନ୍ଦ୍ର ସାହୁଙ୍କୁ ଏନେଇ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ସୂଚନା ମିଳିଛି।

ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ପ୍ରଣୟନ କରିଛନ୍ତି। ଏଥିରେ ଯାଜପୁର ଜିଲାର ୫୦୦ରୁ ଅଧିକ ବସତି ଉପକୃତ ହୋଇଥିବା ଦାବି କରାଯାଉଛି। ତେବେ ବାକି ରହିଥିବା ବସତିଙ୍କ ଉଦ୍ଦେଶ୍ୟରେ ୨୦୧୪-୧୫ ବର୍ଷରୁ ଏମ୍‌ଏମ୍‌ଏସ୍‌ୱାଇ କାର୍ଯ୍ୟକାରୀ ହେଉଛି। ଗ୍ରାମ୍ୟ ରାସ୍ତାକୁ ସୁଦୃଢ଼, ପକ୍କା ଏବଂ ଦୀର୍ଘସ୍ଥାୟୀ କରିବା ଏହି ଯୋଜନାର ଲକ୍ଷ୍ୟ। ତେବେ ମୁଖ୍ୟମନ୍ତ୍ରୀଙ୍କ ନାମରେ ହୋଇଥିବା ଏହି ଯୋଜନା କେତେକ ବିଭାଗୀୟ କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଅସାଧୁମେଣ୍ଟ ଯୋଗୁ ଲକ୍ଷ୍ୟଭ୍ରଷ୍ଟ ହୋଇଥିବା ଚର୍ଚ୍ଚା ହେଉଛି। ସମ୍ପ୍ରତି ଏଠାରେ ବଉଳାଙ୍ଗଠାରୁ ଆଖୁଆସାହି ଏବଂ ନନ୍ଦୀପୁରଠାରୁ ଜୟନ୍ତିରା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ମରାମତି ପ୍ରକଳ୍ପଦ୍ୱୟକୁ ଉଦାହରଣ ଭାବେ ନିଆଯାଇପାରେ। ୫ କୋଟି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭.୭୫୦ କିମି ବିଶିଷ୍ଟ ବଉଳାଙ୍ଗଠାରୁ ଆଖୁଆସାହି ରାସ୍ତା ନିର୍ମାଣ ଦାୟିତ୍ୱ ଠିକାଦାର ସାହାଣୀଙ୍କୁ ମିଳିଛି। ଏହି ରାସ୍ତା ୭।୯।୨୦୨୨ରେ ଆରମ୍ଭ ହୋଇ ୬।୯।୨୦୨୩ରେ ଶେଷ କରିବାକୁ ନିର୍ଦ୍ଧାରିତ ହୋଇଥିଲା। ହେଲେ କାର୍ଯ୍ୟ ଆରମ୍ଭର ୧୧ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ମଞ୍ଜୁର ଅନୁଦାନରୁ ମାତ୍ର ୨୬.୭୮% ଖର୍ଚ୍ଚ ହୋଇପାରିଛି। ଏହାସହ ରାସ୍ତାର ଉଭୟ ପାର୍ଶ୍ୱରେ ଅତି କମ୍ ଗାତ ଖୋଳି କେବଳ ପାଉଁଶ ଓ ଗେଟି ବିଛାଇ ଛାଡ଼ି ଦିଆଯାଇଛି। ଏବେ ସେହି କାର୍ଯ୍ୟରୁ ଗେଟିସବୁ ଉଠିଯାଇ ପାଉଁଶ ସବୁ ବର୍ଷା ପାଣିରେ ବୋହି ଯାଉଥିବା ଦେଖିବାକୁ ମିଳିଛି। ରାସ୍ତାର ଶେଷଭାଗ ଆଖୁଆସାହି ଗ୍ରାମ ପାଖରେ କଂକ୍ରିଟୀକରଣ ହୋଇଥିଲେ ହେଁ ନିର୍ଦ୍ଧାରିତ ଏଷ୍ଟିମେଟ ଅନୁସାରେ ହୋଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସାଧୁ ଗୌଡ଼େଶ୍ୱର କଲେଜ ନିକଟରେ ପାଉଁଶ ଓ ଗେଟି ମିଶା କାର୍ଯ୍ୟ ହେଉଥିବାରୁ ବାୟୁ ପ୍ରଦୂଷଣ ଉତ୍କଟ ହେଉଛି। କଲେଜର ଛାତ୍ରୀଛାତ୍ରମାନେ ସେହି ବାଟ ଦେଇ ଚାଲିବା କଷ୍ଟକର ହେଉଥିବାବେଳେ କଲେଜ ପରିସରକୁ ପାଉଁଶ ଗୁଣ୍ଡ ଉଡି ପାଠପଢ଼ା ବାତାବରଣକୁ ନଷ୍ଟ କରୁଥିବା ଅଭିଯୋଗ ହେଉଛି। କାମ ଚାଲିଥିବାବେଳେ ପ୍ରାୟ ୧୦% ନଷ୍ଟ ହୋଇଯାଇଥିବା ବିଭାଗ ପକ୍ଷରୁ ଆକଳନ କରାଯାଉଛି। ତେଣୁ ଏହି ୧୦%ର ଅର୍ଥ କାହିଁକି ଠିକାଦାରଙ୍କଠାରୁ ଆଦାୟ କରାଯିବ ନାହିଁ ବୋଲି କାରଣଦର୍ଶାଅ ନୋଟିସ ଜାରି ହୋଇଛି। ତେବେ ଏହାର ୭ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ରଖି ନ ପାରିଲେ ଚୁକ୍ତି ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ନୋଟିସରେ ଦର୍ଶାଯାଇଛି। ଅନୁରୂପ ଭାବେ ନନ୍ଦୀପୁରଠାରୁ ଜୟନ୍ତିରା ରାସ୍ତାର ନିର୍ମାଣରେ ମନ୍ଥରତା ଯୋଗୁ କାର୍ଯ୍ୟ ସମୟରେ ହିଁ ୧୦% ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁ ଏହି ପ୍ରକଳ୍ପର ଠିକାଦାର ସାହୁଙ୍କୁ ମଧ୍ୟ ଅନୁରୂପ ଭାବେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହିମର୍ମରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକ ୧୬।୮।୨୦୨୩ରେ ସମ୍ପୃକ୍ତ ଠିକାଦାରଙ୍କୁ ଚେତାବନୀ ଦେଇଛନ୍ତି। ତେବେ ଉକ୍ତ ଚେତାବନୀ କେତେଦୂର କାର୍ଯ୍ୟକାରୀ ହେଉଛି ନା କେବଳ ନିଜ ସ୍ୱାର୍ଥ ପାଇଁ ଏକ ଚାଲ ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି।



ନିର୍ମାଣାଧୀନ ବଉଳାଙ୍ଗଠାରୁ ଆଖୁଆ ସାହି ରୋଡ୍।

- ନିମ୍ନମାନର କାର୍ଯ୍ୟ: ଗେଟି ଉଠି ବୋହିଯାଉଛି ପାଉଁଶ
- ଜବାବ ତଲବ କଲେ ନିର୍ବାହୀ ଯନ୍ତ୍ରୀ

# ଓମ୍‌ଙ୍କ ପାଠପଢ଼ା ପାଇଁ ସହାୟତା ମିଳିଲା

ରାଜକନିକା,୧୮।୮(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ନମତରା ଗାଁର ଓମ୍ ସାମନ୍ତରାୟ ପାଠ ପଢିବେ। ତାଙ୍କ ପାଠ ପଢ଼ାରେ ଆଉ ଡୋରି ବନ୍ଧା ହେବ ନାହିଁ । ଅନ୍ୟ ପିଲାମାନଙ୍କ ପରି ସେ କଲେଜରେ ଯୁକ୍ତ ୨ ପଢ଼ିବେ । ଅନ୍ତର୍ଜାତୀୟ ମାନବାଧିକାର କମିଶନ ଫେଡେରେଶନ କେନ୍ଦ୍ରାପଡ଼ା ଜିଲାର କାର୍ଯ୍ୟନିର୍ବାହୀ ଅଧିକାରୀ ନଳିନୀକାନ୍ତ ପୃଷ୍ଟି ଏ ସଂକ୍ରାନ୍ତରେ ଜାଣିବା ପରେ ତାଙ୍କ ନମତରାସ୍ଥିତ ଘରେ ପହଞ୍ଚି ସମସ୍ତ ବିବରଣୀ ସଂଗ୍ରହ କରିଥିଲେ । ଗୁରୁବାର ସେ ସଂସ୍ଥାର ଜାତୀୟ ସଭାପତି ନରେନ୍ଦ୍ର ଆରୋରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଓମ୍‌ଙ୍କ ପରିବାରର ଆର୍ଥିକ ସ୍ଥିତି ଜାଣିବା ପରେ ଜାତୀୟ ସଂସ୍ଥା ପକ୍ଷରୁ ଓମଙ୍କୁ ମହାବିଦ୍ୟାଳୟରେ ନାମ ଲେଖିବା ପାଇଁ ଆବଶ୍ୟକ ୬ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି । ଏଥିସହିତ ପ୍ରତିମାସରେ ପଢା ଖର୍ଚ୍ଚ ବାବଦକୁ ୫ଶହ ଟଙ୍କା ପ୍ରଦାନ କରାଯିବ । ଏ ସମ୍ପର୍କରେ ପୃଷ୍ଟି ଓଳାଭର ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଓମ୍ ମହାବିଦ୍ୟାଳୟରେ ଆବଶ୍ୟକ ଫର୍ମ ପୂରଣ କରି ନାମ ଲେଖାଇଛନ୍ତି । ସୂଚନାଯୋଗ୍ୟ, ଓମ୍ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ କରିଥିଲେ । ହେଲେ ଅର୍ଥ ଅଭାବରୁ ଆଉ ପାଠ ପଢି ପାରିବେ ନାହିଁ କି କଲେଜରେ ନାମ ଲେଖାଇବା ସମ୍ଭବ ନ ଥିବାରୁ ମନ ଦୁଃଖରେ ଥିଲେ ।



ଓମ୍‌ଙ୍କୁ ପାଠପଢ଼ା ପାଇଁ ସହାୟତା ପ୍ରଦାନ କରାଯାଉଛି।

# ଟାଟାଷ୍ଟିଲ ଫାଉଣ୍ଡେଶନ୍ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ




ଭ୍ରାମ୍ୟମାଣ ଜନସ୍ୱାସ୍ଥ୍ୟ ୟୁନିଟ୍ ଗାଡ଼ିକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

କଳିଙ୍ଗନଗର,୧୮।୮(ଶୁଭାଶିଷ ରାଉତ)

ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟାଟାଷ୍ଟିଲ୍ ଫାଉଣ୍ଡେଶନ୍ ଶୁକ୍ରବାର ଯାଜପୁର ଜିଲାର ଦାନଗଦି ବ୍ଲକ ଅନ୍ତର୍ଗତ ମାନତିରା ଗ୍ରାମରେ ଏକ ଭ୍ରାମ୍ୟମାଣ ଜନସ୍ୱାସ୍ଥ୍ୟ ୟୁନିଟ୍ (ଏମ୍‌ପିଏଚ୍‌ୟୁ) ଏବଂ ମାନତିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ନୂତନ ବିଲ୍ଡିଂ ଉଦ୍‌ଘାଟିତ ହୋଇଛି। ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ପ୍ରକଳ୍ପଗୁଡିକୁ ଉଦ୍‌ଘାଟନ କରିଥିଲେ। ଟାଟାଷ୍ଟିଲର ଓଡ଼ିଶା ସିଏସ୍‌ଆର ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ମାନତିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜତା ରାଣୀ ଧଳ, ଟାଟାଷ୍ଟିଲ୍ ଫାଉଣ୍ଡେଶନ୍‌ର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ବିଦ୍ୟାଳୟରେ ନବନିର୍ମିତ ୭୦୦୦ ବର୍ଗଫୁଟର ବିଲ୍ଡିଂରେ ୨ଟି ଶ୍ରେଣୀ ଗୃହ, ଗୋଟିଏ ଲାଇବ୍ରେରି ଏବଂ ଏକ କମ୍ପ୍ୟୁଟର ତାଲିମ କେନ୍ଦ୍ର ଅଛି। ଟାଟାଷ୍ଟିଲ୍ ଫାଉଣ୍ଡେଶନ୍ ଦ୍ୱାରା କମ୍ପ୍ୟୁଟର କେନ୍ଦ୍ର ସ୍ଥାପିତ ହୋଇଥିବାବେଳେ ଏହା ନିଟ୍ ଫାଉଣ୍ଡେଶନ୍ ଦ୍ୱାରା ପରିଚାଳିତ ହେବ। ନିକଟସ୍ଥ ୬ ପଞ୍ଚାୟତର ଛାତ୍ରମାନଙ୍କୁ କଥିତ ଇଂଲିଶ୍ କ୍ଲାସ୍ ସହିତ ବେସିକ୍ ତଥା ଆଡଭାନ୍ସ କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଏକ ଭ୍ରାମ୍ୟମାଣ ଜନସ୍ୱାସ୍ଥ୍ୟ ୟୁନିଟ୍ (ଏମ୍‌ପିଏଚ୍‌ୟୁ)ର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। କଳିଙ୍ଗନଗର ଏବଂ ଆଖପାଖ ୧୮ ପଞ୍ଚାୟତ ତଥା ପଙ୍କପାଳ, ମାନତିରା, ଖପୁରିଆପଦା, କୁମ୍ଭିରଗାଡ଼ିଆ, ଜଖପୁରା, ମଙ୍ଗଳପୁର, ଗୋବରଘାଟି, ଚାନ୍ଦିଆ, ସନସାଇଲୋ, ଓଳିଆ, ଡୁବୁରୀ, ବାରଗାଡ଼ିଆ, ସାରଙ୍ଗପୁର, ତ୍ରିଜଙ୍ଗା, ଓଲ୍ଲଳ, ସାଳିଜଙ୍ଗା ଏବଂ ରଣାଗୁଣ୍ଡିରେ ବାସ କରୁଥିବା ଲୋକ ଏମ୍‌ପିଏଚ୍‌ୟୁ ଦ୍ୱାରା ଉପକୃତ ହେବେ। ଏଥିରେ ଜଣେ ଡାକ୍ତର, ୫ ଜଣ ପାରାମେଡିକ୍ ଏବଂ ସହଯୋଗୀ କର୍ମୀ ରହିଛନ୍ତି। ଏହି ୟୁନିଟ୍ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ମାଗଣା ପରାମର୍ଶ, ଅନୁସନ୍ଧାନ, ଏବଂ ଔଷଧ ପ୍ରଦାନ କରିବ। ସୁକିନ୍ଦାର ସବଳ ପ୍ରଶିକ୍ଷଣ କେନ୍ଦ୍ରର ୫ଜଣ ଭିନ୍ନକ୍ଷମ ପ୍ରଶିକ୍ଷାର୍ଥୀ ଏବଂ ଡୁବୁରୀସ୍ଥିତ ନିଟ୍ କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହୋଇଥିବା ୫ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

# ଚିନ୍ତା ବଢ଼ାଇଛି ବ୍ୟାସ ସରୋବର ମନ୍ଦିରରେ ଭୋଜିଭାତ

ଯାଜପୁର,୧୮।୮(ହର୍ଷବର୍ଦ୍ଧନ ବେହେରା)

ଓଡ଼ିଆ ସଂସ୍କୃତିର ଏକ ପୁଣ୍ୟ ପୀଠ ଭାବେ ବ୍ୟାସ ସରୋବର ସର୍ବଜନବିଦିତ। ଏଠାକୁ ବହୁ ପରିଦର୍ଶକ, ପର୍ଯ୍ୟଟକ ଆସିଥାନ୍ତି। ପ୍ରାୟ ୬୪ କୋଟି ଟଙ୍କା ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରୁ ମଞ୍ଜୁର ହୋଇ ଏହି ସରୋବରର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଚାଲିଛି। କିନ୍ତୁ ଏହି ପ୍ରକଳ୍ପ କାର୍ଯ୍ୟ ପ୍ରାୟ ୨୦% ହୋଇ ନ ଥିବାବେଳେ ଏବେଠୁ ରାଜନୈତିକ କବ୍‌ଜା ଆରମ୍ଭ ହୋଇସାରିଛି। ଯେଉଁଠାରେ ମା' ଲକ୍ଷ୍ମୀ ଓ ଗୁପ୍ତଗଙ୍ଗା ଏବଂ ରାଘୁଜୀ ଗୋସାଇଁ ପୂଜା ପାଉଛନ୍ତି, ସେଠାରେ କେତେକ ରାଜନୈତିକ ଦଳର କର୍ମୀମାନେ ନିଜର ବଳପ୍ରୟୋଗ କରି ଭୋଜିଭାତ ଆରମ୍ଭ କରିଛନ୍ତି। ବିଡମ୍ବନା ଯେ, ଅଇଁଠା ଖଲିପତ୍ର ଓ ପ୍ଲାଷ୍ଟିକ ଗ୍ଲାସ୍‌ଗୁଡ଼ିକୁ ଏଣେତେଣେ ପକାଇ ଦେଇ ଏକ ଆଧ୍ୟାତ୍ମିକ ଚିନ୍ତାଧାରରେ ବିଘ୍ନ ଘଟାଇଥିବା ମତପ୍ରକାଶ ପାଇଛି।

ବ୍ୟାସ ସରୋବରରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଅପୂର୍ବ ସମ୍ଭାର ରହିଛି। ଯାଜପୁର ଜିଲା ଅନ୍ତର୍ଗତ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନଠାରୁ ମାତ୍ର ୩ କି.ମି. ଦୂରରେ ରହିଛି ଏହି ପୌରାଣିକ ପୀଠ। ୧୯୯୪ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟାସସରୋବରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି। ଆଜିକୁ ୨୯ ବର୍ଷ ବିତିଯାଇଥିଲେ ହେଁ ସେହି ପୌରାଣିକ ସରୋବର ନାହିଁ। ଗୁପ୍ତଗଙ୍ଗା ରହିଛି ଓ ଏହାର ଚତୁଃପାର୍ଶ୍ୱରେ ପଞ୍ଚପାଣ୍ଡବଙ୍କ ସମେତ ଦୁର୍ଯ୍ୟୋଧନ ଓ ଲକ୍ଷ୍ମୀଙ୍କ ପ୍ରତିମା ଶୋଭାପାଉଛି। ପ୍ରାଚୀନ କାଳରେ ଏଠାରେ ବୃହତ୍ ସରୋବର ଥିଲା ବୋଲି ଜନଶ୍ରୁତି ରହିଛି। ପ୍ରତିବର୍ଷ ମାଘ ଶୁକ୍ଳପକ୍ଷ ଏକାଦଶୀଠାରୁ ତିନିଦିନ ଏଠାରେ ବ୍ୟାସ ମହୋତ୍ସବ ମହାସମାରୋହରେ ପାଳିତ ହୋଇ ଆସୁଛି। ବର୍ତ୍ତମାନ ଶ୍ରାବଣ ମାସ ଚାଲିଥିବାରୁ ଭକ୍ତମାନେ ଏଠାକାର ଗୁପ୍ତଗଙ୍ଗାରୁ ପାଣି ଉଠାଇ ବିଭିନ୍ନ ଶିବ ମନ୍ଦିରକୁ ଯାଇଥାନ୍ତି। ଏହିକ୍ରମରେ ମନ୍ଦିର ଓ ଗୁପ୍ତଗଙ୍ଗା ପରିସରରେ ଭୋଜିଭାତ କରିବା କେତେଦୂର ସମୀଚୀନ ବୋଲି ମତପ୍ରକାଶ ପାଇଛି। ଏହି ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏନ୍‌ବିସିସି (ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେଶନ) ଜରିଆରେ ଦିଲ୍ଲୀର କ୍ରିଷ୍ଣା ବିଲ୍‌ଡର ଜରିଆରେ ସମ୍ପାଦିତ ହେଉଛି। ଏହି ପ୍ରକଳ୍ପରେ ମନ୍ଦିର ପାର୍ଶ୍ୱରେ ସରୋବର ନିର୍ମାଣ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଛି। ଏହାସହ ପ୍ରକଳ୍ପରେ ମନ୍ଦିର, ଶିଶୁ ଉଦ୍ୟାନ, ବୋଟିଂ, ନର୍ସରି, ବ୍ୟାସଦେବ ମୂର୍ତ୍ତି, ହସ୍ତିନାପୁର, ଭଗବାନ କୃଷ୍ଣ, ପାଣ୍ଡବ ଓ କୌରବ, ଦ୍ରୌପଦୀ, ଚକ୍ରବ୍ୟୂହ, ମାଛଆଖି, ଭୀଷ୍ମଙ୍କ ଶରଶଯ୍ୟା, ବିଶ୍ୱରୂପ ଆଦି ଇତ୍ୟାଦି ନିର୍ମାଣ କରିବାକୁ ଯୋଜନା ରହିଛି। ସେହିସବୁ କାର୍ଯ୍ୟ ଜୋରସୋର ଚାଲିଛି। ହେଲେ ଏହି ସୁନ୍ଦର ପ୍ରକଳ୍ପ ନିର୍ମାଣ ହେବା ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ପାଇଁ ଆଦୌ ଚିନ୍ତା କରାଯାଇ ନ ଥିବା ମନେହେଉଛି। ଏହି ପ୍ରକଳ୍ପକୁ ଲାଗି ଗଣ୍ଡାନାଳ ବୋହିଯାଉଛି। ଅଧିକ ବର୍ଷା ହେଲେ ଗଣ୍ଡାନାଳର ବନ୍ୟା ପାଣିରେ ଏହି ମନ୍ଦିରର ଚୂଳ ପର୍ଯ୍ୟନ୍ତ ବୁଡ଼ି ଯାଇଥାଏ। ତେଣୁ ଉପଯୁକ୍ତ ଉଚ୍ଚର ବନ୍ଧ ନିର୍ମାଣ ହୋଇ ନ ଥିବାରୁ ଗତ ସାମାନ୍ୟ ବନ୍ୟାରେ ବହୁ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହେଉଥିବା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା। ଆଗକୁ ଆହୁରି ବର୍ଷା ହେଲେ ପ୍ରକଳ୍ପ କିଛି ଦିନ ମଧ୍ୟରେ ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଅନ୍ୟପକ୍ଷେ ରାଜନୈତିକ ଦଳର କେତେଜଣ କର୍ମୀଙ୍କ ଅଯଥା ହସ୍ତକ୍ଷେପ ସହ ମନ୍ଦିର ପରିସରରେ ଭୋଜିଭାତକୁ ସହରବାସୀ ନାପସନ୍ଦ କରିଛନ୍ତି। ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କହିଛନ୍ତି, ମନ୍ଦିର ପରିସରରେ ଭୋଜିଭାତ କରି କୁଢକୁଢ ଅଇଁଠା ଖଲିଦନା ପକାଇବା ନିନ୍ଦନୀୟ। ସରୋବର ପ୍ରକଳ୍ପକୁ ଲାଗି ଆମ୍ବ ବଗିଚାରେ ଥିବା ପେଣ୍ଡାଲରେ ଭୋଜି କରାଯାଇ ପାରିଥାନ୍ତା। ଏଭଳି କାର୍ଯ୍ୟ ଭକ୍ତମାନଙ୍କ ଭକ୍ତି ଭାବନାକୁ ଢେର ଆଘାତ ଦେଇଛି।

## ଭକ୍ତିଭାବନାରେ ବିଘ୍ନ ଘଟାଉଛି ଅଇଁଠା ଖଲିଦନା



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଭଦ୍ରା



@ ରଞ୍ଜିତ



@ ମନୋଜ



@ ବିଶ୍ୱଜିତ୍



@ ଚିନ୍ମୟ



@ ନିଝରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୋରାବନ୍ଧୀ ୟୁପି ସ୍କୁଲରେ ଗୋପବନ୍ଧୁଙ୍କ ମୂର୍ତ୍ତି ଉନ୍ମୋଚନ



ଅତିଥି ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

ରଗଡି, ୧୮।୮(ଯତିଶ କୁମାର ମଲ୍ଲିକ)

କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତର କୋରାବନ୍ଧୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ପୋଷାକ ବିତରଣ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସେଠୀ, ସହକାରୀ ଶିକ୍ଷକ ପ୍ରଫୁଲ୍ଲ ଖଟୁଆ, ଭଗବାନ ସାହୁ, ବିଶ୍ୱନାଥ ପାଢ଼ୀ, ମଙ୍ଗୁଳି ଚରଣ ଖଟୁଆ, ଶିକ୍ଷୟିତ୍ରୀ ଜୟନ୍ତୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଅନ୍ଧାରୀ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଜିଲା ସଭାପତି ବିଜୟ କୁମାର ନାୟକ, ସିଆର୍‌ସିସି ହରେକୃଷ୍ଣ ସ୍ୱାଇଁ, ଖବରଦାତା ପବିତ୍ର କୁମାର ରାଉତରାୟ, ପୂର୍ବତନ ପ୍ରଧାନ ଶିକ୍ଷକ ଜଳଧର ଜେନା, ବିଦ୍ୟାଳୟ କମିଟିର ବିଜୟ ବାରିକ, ପ୍ରଶାନ୍ତ କୁମାର ରାଉତରାୟ, ମମତା ଆଚାର୍ଯ୍ୟ, ସୁକାନ୍ତି ବରାଳ, ସରୋଜିନୀ କର, ପ୍ରଭାତୀ ସେଠୀ, ଅଶାନ୍ତି ଦେହୁରୀ, ସୁଲୋଚନା ଜେନା, ସୁମନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକଙ୍କୁ ମିଳୁନି ସାମାଜିକ ନିରାପତ୍ତା

ନୟାଗଡ଼,୧୮।୮(ଲୋକନାଥ ମିଶ୍ର)

- ଶ୍ରମ ଆଇନରେ ହେଉନାହିଁ ନାମ ପଞ୍ଜୀକରଣ
- ବେଆଇନ ପଥର, ବାଲି ଖାଦାନରେ ବଢ଼ୁଛି ଶ୍ରମିକଙ୍କ ମୃତ୍ୟୁ
- ମୃତ୍ୟୁର କାରଣ ଭିନ୍ନ ଦର୍ଶାଯାଉଛି

ନୟାଗଡ଼ ଜିଲାରେ ପଥର ଓ ବାଲିଖାଦାନ ଅଧିକାଂଶ ବେଆଇନ ଭାବେ ଚାଲୁଛି । ଏଥିରେ ଅଣ ପଞ୍ଜିକୃତ ଶ୍ରମିକମାନଙ୍କୁ କାମ ମିଳେ। ଏଣୁ ଅଣ ସଙ୍ଗଠିତ ଶ୍ରମିକ ଓ ସେମାନଙ୍କ ପରିବାର ସରକାରୀ ଯୋଜନାର ସୁଫଳ ନେଇ ନ ପାରି ବେସାହାରା ହୋଇ ପଡୁଛନ୍ତି । ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ନିଯୁକ୍ତି ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା ଓ ସେମାନଙ୍କ ସାମାଜିକ ନିରାପତ୍ତା ନିମନ୍ତେ ଅଣ ସଙ୍ଗଠିତ ଶ୍ରମିକ ଆଇନ ରହିଛି । ହେଲେ ଅଣସଙ୍ଗଠିତ ଶ୍ରମିକ ଓ ସେମାନଙ୍କ ଉପରେ ନିର୍ଭରଶୀଳଙ୍କୁ ସାମାଜିକ ନିରାପତ୍ତା ମିଳୁନି ବୋଲି ଅଭିଯୋଗ ହୋଇ ଆସୁଛି। ବେଆଇନ ଖଣି ଓ ଖାଦାନକୁ ଲୁଚାଇବାକୁ ଯାଇ ନୟାଗଡ଼ ଜିଲାରେ ଏପରି ସ୍ଥାନରେ ମୃତ୍ୟୁ ଘଟୁଥିବା ଶ୍ରମିକଙ୍କ ପରଲୋକକୁ ଭିନ୍ନ ଦର୍ଶାଯାଉଛି । ମୃତ୍ୟୁର କାରଣ ବଦଳି ଯାଉଥିବାରୁ ମୃତ ଶ୍ରମିକଙ୍କ ପରିବାର ଅଣସଙ୍ଗଠିତ ଶ୍ରମିକ ଆଇନର ପରିସର ଭୁକ୍ତ ହୋଇ ପାରୁ ନାହାନ୍ତି। ଏନେଇ ଜିଲାରେ ଆବଶ୍ୟକ ସଚେତନତା ହେଉ ନାହିଁ ।

ଅଣ ସଙ୍ଗଠିତ ଶ୍ରମିକମାନଙ୍କୁ ବୃତ୍ତି, ନିଯୁକ୍ତିର ପ୍ରକାର, ବିଶେଷ ଭାବେ ଗରିବ ଓ ଚାକିରିଆ ଶ୍ରେଣୀ ଆଦି ୪ ଭାଗରେ ବିଭକ୍ତ କରାଯାଇଛି। ଏହି ବର୍ଗର ଶ୍ରମିକମାନଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ହେଲେ ଯୋଜନା ତଳସ୍ତରକୁ ଆସୁନାହିଁ। ଏପରି କି ଯୋଜନା ଯେ ଅଛି ବୋଲି ଅନେକ ଜାଣନ୍ତି ନାହିଁ । କେତେଜଣ ଲୋକ ଧରା ଧରି କରି ଏହାର ଫାଇଦା ନେବାରେ ବ୍ୟସ୍ତ। ସେପଟେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଶ୍ରମିକ ପରିଶ୍ରମ କରି ଯୋଜନାର ସୁଫଳ ପାଇ ପାରୁନି । ଏମାନଙ୍କ ପାଇଁ କୌଣସି ସଙ୍ଗଠନ ମଧ୍ୟ କାମ କରୁ ନାହିଁ । ଜିଲାରେ କଳା ମୁଗୁନି ଓ ମାଙ୍କଡ଼ା ପଥର ଖାଦାନ, କ୍ରସର, ବାଲି ଖାଦାନ ରହିଛି। ଏଥିରୁ ଅଧିକାଂଶ ବେଆଇନ ଭାବେ ଚାଲିଛି । ବେଆଇନ ଭାବେ ଚାଲିଥିବା ଖାଦାନ ଓ ଖଣିରେ ଅଣ ପଞ୍ଜିକୃତ ଶ୍ରମିକ କାମ କରୁଛନ୍ତି। ଏପରି କି ଲିଜ୍ ଖଣିରେ ମଧ୍ୟ ଅଣ ପଞ୍ଜିକୃତ ଶ୍ରମିକ କାମ କରୁଛନ୍ତି । ପ୍ରଶାସନ ପକ୍ଷରୁ ଚଢ଼ାଉ ଓ ଧରପଗଡ଼ ନାହିଁ । ଏଣୁ ଆଇନ ତା'ବାଟରେ ରହୁଛି । ସବୁ ବେନିୟମ ଭାବେ ଚାଲିଛି । ଏନେଇ ଦଶପଲ୍ଲାର ସୁଦାମ ପ୍ରଧାନ, ଗଣିଆର ରାମଚନ୍ଦ୍ର ସାହୁ, ଖଣ୍ଡପଡାର ଉତ୍ତମ ପ୍ରଧାନ ନାମକ ଶ୍ରମିକ କୁହନ୍ତି, କାମ କରିବା ପାଇଁ ପଞ୍ଜିକରଣ କରାଯିବା ନେଇ ଅନେକ ଶ୍ରମିକ ଜାଣନ୍ତି ନାହିଁ । ସେହିପରି ପଞ୍ଜିକୃତ ଶ୍ରମିକଙ୍କୁ କାମରେ ଲଗାଇବାକୁ ଖଣି ଖାଦାନ ମାଲିକଙ୍କ ଆଗ୍ରହ ନାହିଁ । ଏଥିରେ ଝାମେଲା ରହିଛି ଓ ରିସ୍କ ଅଛି । କୌଣସି ଅଘଟଣ ଘଟିଲେ ସଂପୃକ୍ତ ପରିବାରକୁ କିଛି କ୍ଷତିପୂରଣ ଦେଇ ମୃତ୍ୟୁର କାରଣ ବଦଳା ଯାଏ । ଏଥିପାଇଁ ଥାନାରେ କିଛି ଖର୍ଚ୍ଚ କରିବାକୁ ପଡେ। ବେନିୟମ କାର୍ଯ୍ୟକୁ ଲୁଚାଇବାକୁ ଏସବୁ ଚାଲେ। ହେଲେ ପ୍ରଶାସନ ପକ୍ଷରୁ ଏହାର ଠିକ ଯାଞ୍ଚ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସନ୍ତା । କିନ୍ତୁ ବେନିୟମ କାର୍ଯ୍ୟରେ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ସମ୍ପୃକ୍ତି ରହୁଥିବାରୁ ଆଇନକୁ ଖୋଜିବାକୁ କେହି ନାହାଁ। ଏପରି କି ମୃତକଙ୍କ ପରିବାରର ସଦସ୍ୟମାନେ କିଛି ଟଙ୍କା ପାଇଁ ମୃତ୍ୟୁର କାରଣ ବଦଳାଇବାକୁ ପଛାନ୍ତି ନାହିଁ। ସରକାରୀ ସହାୟତା ଆଇନ ଅନୁସାରେ ପାଇବା କଷ୍ଟକର ଜାଣି ଏଭଳି ପନ୍ଥା ବାଛି ନିଅନ୍ତି । ଏଣୁ ଶ୍ରମିକଙ୍କ ପରିବାର ଯୁଗେ ଯୁଗେ ଉପେକ୍ଷିତ ଓ ଅବହେଳିତ ହୋଇ ପଡୁଛନ୍ତି । ଏଥିରେ ପରିବର୍ତ୍ତନ କରିବା ମୁସ୍କିଲ ବୋଲି ସୂଚନା ଦେଇଛନ୍ତି। ନୟାଗଡ଼ ଜିଲା ଶ୍ରମିକ ମହାସଂଘ ସଭାପତି ଶୂନ୍ୟ ବିଜୟୀ ମିଶ୍ର କୁହନ୍ତି, ଶ୍ରମିକ ପ୍ରାଣ ହରାଇଲେ ଶ୍ରମ ବିଭାଗ ପର୍ଯ୍ୟନ୍ତ କଥା ଆସେନି। ସବୁ ଚାପରେ ଚେପା ହୋଇ ରହିଯାଏ। ଯଦି କେତେବେଳେ ଅଭିଯୋଗ ପହଞ୍ଚେ ତୁରନ୍ତ ଚାପି ଦିଅ ବୋଲି ପରାମର୍ଶ ମିଳେ। ଏଣୁ ଏଭଳିଆ ମୃତ୍ୟୁର ତଦନ୍ତକୁ ଶ୍ରମ ବିଭାଗ ଗୁରୁତ୍ୱ ଦିଏ ନାହିଁ । ବେଳେ ବେଳେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳେନା। ଦଶପଲ୍ଲାର ସଦାଶିବ ବେହେରା କୁହନ୍ତି, ଗତ ୩ ବର୍ଷ ଭିତରେ ନୟାଗଡ଼ ଜିଲାରେ ୧୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ହେଲେ ସମସ୍ତଙ୍କ ମୃତ୍ୟୁର କାରଣ ବଦଳି ଯାଇଛି । କିନ୍ତୁ ସେମାନଙ୍କ ମୃତ୍ୟୁ ପଥର ଓ ବାଲି ଖାଦାନ ଯୋଗୁ ହୋଇଥିଲେ ମଧ୍ୟ ସତ ଲୁଚି ଯାଉଛି ବୋଲି କହିଥିଲେ ।

# ବିକାଶ ନାଁ ରେ ଦୁର୍ନୀତି ବଢ଼ିଛି



କଂଗ୍ରେସ ନେତା ଓ କର୍ମୀମାନେ ନୟାଗଡ଼ ବ୍ଲକ ଘେରାଉ କରିଛନ୍ତି।

ନୟାଗଡ଼,୧୮।୮(ଲୋକନାଥ ମିଶ୍ର)

### ପ୍ରତିବାଦରେ କଂଗ୍ରେସ ଘେରିଲା ନୟାଗଡ଼ ବ୍ଲକ

ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ସରକାର ଶାସନ କାଳରେ ବିକାଶ ନାଁ ରେ ଗାଁ ରେ ଦୁର୍ନୀତି ବଢିଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। କଂଗ୍ରେସର ଅଭିଯୋଗ ଅନୁସାରେ ପଞ୍ଚାୟତଠାରୁ ବ୍ଲକ ଓ ଡିଆରଡ଼ିଏ ଅଫିସ ପର୍ଯ୍ୟନ୍ତ ଦୁର୍ନୀତି ଚାଲିଛି। ନୟାଗଡ ବ୍ଲକରେ ୧୫% ରୁ ୫୦ % ପି.ସି. କାରବାର ଚାଲିଛି। ନୟାଗଡ଼ ଓ ଓଡ଼ଗାଁ ବ୍ଲକରେ ଯନ୍ତ୍ରୀମାନେ ୫ରୁ ୧୦ ବର୍ଷ ଧରି ରହି ଆସିଥିଲେ ମଧ୍ୟ ବଦଳି ହେଉନି। ବଲାଙ୍ଗୀ ପାର୍କରେ ନୟାଗଡ଼ ବ୍ଲକ ପକ୍ଷରୁ ପ୍ରାୟ ୨କୋଟିଟଙ୍କା ଖର୍ଚ୍ଚହୋଇଥିବା ବେଳେ ସୂଚନା ଫଳକ ଲଗାଯାଇ ନ ଥିବାରୁ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି। ଚାଷୀ ତା' ଅମଳର ମୂଲ୍ୟ ପାଉନି। ନୟାଗଡ଼ର ଯୁବକମାନଙ୍କ ହାତକୁ କାମ ନାହିଁ। ରାଜ୍ୟ ବାହାରକୁ ଯାଇ ଦାଦନ ଖଟୁଛନ୍ତି । ମା'କୁ ସମ୍ମାନର କଥା କହି ନୟାଗଡ଼ରେ ନାରୀ ନିର୍ଯାତନା ବଢ଼ିଚାଲିଛି । ନୟାଗଡ଼ କଲେଜରେ ଯୌନ କଲେଙ୍କାରୀ ବଢ଼ି ଚାଲିଛି । ଦଳିତମାନେ ନ୍ୟାଯ୍ୟ ସୁବିଧାରୁ ବଞ୍ଚିତ ଓ ଉପେକ୍ଷିତ। ପଛୁଆବର୍ଗ, ଜନଜାତି ସମୁଦାୟଙ୍କ ପାଖରେ ବିକାଶ ଏବେ ବି ଅପହଞ୍ଚ ହୋଇଛି ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି । ବେକାର ଯୁବତୀ,ଯୁବକମାନଙ୍କୁ ଚାକିରୀ ନାହିଁ ଅଥଚ ମୁଖ୍ୟମନ୍ତ୍ରୀ ଅଫିସ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟଠାରୁ ଜିଲ୍ଲା ବ୍ଲକ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଲୋକଙ୍କୁ ପୁନଃ ନିଯୁକ୍ତି ଦିଆଯାଉଛି । ମହଙ୍ଗାମାଡ଼ରେ ଦରମଲା ହେଲେଣି ସାଧାରଣ ଜନତା କିନ୍ତୁ ସରକାରଙ୍କର ଦରଦ ନାହିଁ । ଉପରୋକ୍ତ ଅଭିଯୋଗକୁ ନେଇ ଶୁକ୍ରବାର ନୟାଗଡ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ସାଭାପତି ରଣଜିତ ଦାସ, ବରିଷ୍ଠ ନେତା ହୁସେନ ଖାଁ, ମନୋଜ ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ଯଶୋଦା କାଣ୍ଡି, ଜିଲା ଛାତ୍ର କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ଦାଶ, ସେବା ଦଳ ଜିଲା ସଂଯୋଜକ ବିମଳ ଦାଶ, ପୂର୍ଣ୍ଣଚନ୍ଦ୍ର ସାନ୍ତ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ବ୍ଲକ କାର୍ଯ୍ୟାଳୟ ଭିତରେ କଂଗ୍ରେସ କର୍ମୀ ଓ ନେତା ଧସେଇ ପଶି ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ଦଫା ଦାବି ସମ୍ୱଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# କଂଗ୍ରେସର ବିକ୍ଷୋଭ, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରଣପୁର,୧୮।୮(ସୁକାନ୍ତ କିଶୋର ଡ଼ାକୁଆ)

ବିଭିନ୍ନ ଦାବି ନେଇ ରଣପୁର ବ୍ଲକ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ କରାଯିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ରଣପୁର ବ୍ଲକ କଂଗ୍ରେସ ତରଫରୁ କିଷାନ ସେଲ ସଭାପତି ଧ୍ରୁବ ଚରଣ ପରିଡ଼ାଙ୍କ ନେତୃତ୍ୱରେ ପ୍ରାୟ ଶତାଧିକ କଂଗ୍ରେସ କର୍ମୀ ରଣପୁର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୯ ଦଫା ଦାବିକୁ ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏନଏସ୍‌ସି ଓ ବ୍ଲକରେ ଚାଲିଥିବା ୧୫ ରୁ ୫୦% ପିସି କାରବାର, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ହେଉଥିବା ଭେଣ୍ଡିଂ ଜୋନ୍ ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ଭେଣ୍ଡି ଜୋନ ଗୃହ ପ୍ରଦାନ, ରଣପୁର ବିଜ୍ଞାପିତ ପରିଷଦର ଅଞ୍ଚଳର ପରିମଳ ବ୍ୟବସ୍ଥା ଓ ରାସ୍ତାଘାଟ ବିପର୍ଯ୍ୟୟ ଅବସ୍ଥାରେ ଥିବାରୁ ଏହାକୁ ତୁରନ୍ତ ସମାଧାନ ଆଦି ଦାବି ଉପସ୍ଥାପନ କରାଯାଇଥିଲା । ତୁରନ୍ତ ଉପରୋକ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ଜାତୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରଣପୁର ଓକିଲ ସଂଘ ସମ୍ପାଦକ ସତ୍ୟରଞ୍ଜନ ମତା, ବରିଷ୍ଠ ଓକିଲ ଶ୍ରତୁଘନ ପାଇକରାୟ, ପୂର୍ବତନ ନୟାଗଡ଼ ଜିଲା ଯୁବକଂଗ୍ରେସ ସଭାପତି ମିର ଅବୁବକର ସିଦ୍ଧିକ, ଯୁବ ସଭାପତି ପ୍ରକାଶ ଚନ୍ଦ୍ର ନାୟକ,ରାଜ୍ୟ ଛାତ୍ର ସମ୍ପାଦକ ଅନିଲ ଛୁଆଲସିଂହ, ବରିଷ୍ଠ କଂଗ୍ରେସ ନେତା ଭିକାରୀ ପାତାଳ ସିଂ,ଯୁବ ଉପ ସଭାପତି ବାଦଲ ପ୍ରଧାନ,ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବାଳକୃଷ୍ଣ ଷଡ଼ଙ୍ଗୀ, ଅନିଲ ପରିଡା,ଶରତ ଦାସ ସହ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ଲକ ଉନ୍ନୟନ ଅଧିକାରୀ ଓ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।



ରଣପୁରରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବିଦ୍ୟୁତ୍ ଆଘାତରେ ୨ ଗୁରୁତର

ଭାପୁର,୧୮।୮
(ଭରତ କୁମାର ବେହେରା )

ଭାପୁର ବ୍ଲକରେ ବିଦ୍ୟୁତ୍ ଆଘାତରେ ଦୁଇ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ଭାପୁର ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତ ହେମନ୍ତପାଟଣା ଗ୍ରାମର ବିଜୟ କୁମାର ଗୋଛି (୫୨)ଦିନ ମଜୁରିଆ ଭାବେ କାମ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ସେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ସିମେଣ୍ଟ କାମ କରୁଥିଲେ। ପାଣି ଉଠା ମୋଟରରେ ତାଙ୍କ ହାତ ଲାଗିଯିବାରୁ ସେ ବିଦ୍ୟୁତ୍ ଆଘାତରେ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେହିପରି ପଥରଚକଡା ପଞ୍ଚାୟତର ମାଧପୁର ଗ୍ରାମ ନିକଟରେ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କଲିକତାର ମୋବାରକ (୧୯) ଲୁହା ଛଡ଼ କାଟୁଥିବା ସମୟରେ ବିଦ୍ୟୁତ୍ ଆଘାତରେ ପାଣିଟାଙ୍କି ଉପରୁ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

# ପୁରାତନ ଶିବମନ୍ଦିର ନବୀକରଣ କାମ ଆରମ୍ଭ

ଓଡ଼ଗାଁ,୧୮।୮
(ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଗ୍ରାମରେ ବିଜେ ଶ୍ରୀନୀଳକଣ୍ଠେଶରଙ୍କ ପୁରାତନ ମନ୍ଦିରର ନବୀକରଣ ପାଇଁ ମଞ୍ଜୁରୀ ମିଳିଛି । ସ୍ଥାନୀୟ ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ମନ୍ଦିର ପୁନରୁଦ୍ଧାର ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁରୀ ମିଳିବା ପରେ ଶୁକ୍ରବାର ପୂଜା କର୍ମ ସହିତ ମନ୍ଦିର ପୁନରୁଦ୍ଧାର କାମ ଶୁଭାରମ୍ଭ ହୋଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ମନ୍ଦିର ପ୍ରତିଷ୍ଠାତା ନିରଞ୍ଜନ ପାଢ଼ୀ ଶୁଭ ଦେଇଥିଲେ। ଚିତ୍ତରଞ୍ଜନ ମହାପାତ୍ର ଓ ପ୍ରସନ୍ନ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସ୍ଥାନୀୟ କେତେଜଣ ବ୍ୟବସାୟୀ ଓ ବଦାନ୍ୟ ବ୍ୟକ୍ତି ଅତିରିକ୍ତ ବ୍ୟୟଭାର ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗଜେନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୁଭଦ୍ରା


@ ରଞ୍ଜିତ


@ ମନୋଜ


@ ବିଶ୍ୱଜିତ୍


@ ଚିନ୍ମୟ


@ ନିଝରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପକ୍ଷାଘାତ ରୋଗୀଙ୍କୁ ଭେଟିଲା ଡାକ୍ତରୀ ଟିମ୍

ଖଣ୍ଡପଡ଼ା,୧୮।୮(ଅଜୟ କୁମାର ମହାରଣା)

### ଚିକିତ୍ସା ସେବା ପାଇଁ ପ୍ରତିଶ୍ରୁତି ମିଳିଲା

ଗତ ୧୦ ବର୍ଷ ଧରି ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଘରେ ପଡି ରହିଥିବା ଖଣ୍ଡପଡା ବ୍ଲକର ଶିଖରପୁର ପଞ୍ଚାୟତ ଉଜୁଳାଙ୍ଗ ଗ୍ରାମର ଯୁବକ ମାନସ ନାଏକ(୨୪) ଆବଶ୍ୟକ ଚିକିତ୍ସା ଅଭାବରୁ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଏ ସମ୍ପର୍କରେ 'ସରକାରୀ ସହାୟତା ଅପେକ୍ଷାରେ ପକ୍ଷାଘାତ ରୋଗୀ' ଶୀର୍ଷକ ଏକ ଖବର ଗତ ୪ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା । ଖବର ପ୍ରକାଶନ ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡ଼ା ଓ ନୟାଗଡ଼ରୁ ଏକ ଡ଼ାକ୍ତରୀ ଦଳ ଉଜୁଳାଙ୍ଗ ଗ୍ରାମକୁ ଯାଇ ରୋଗାକ୍ରାନ୍ତ ଯୁବକଙ୍କୁ ଭେଟି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ଖୁବ୍‌ଶୀଘ୍ର ପ୍ରଶାସନ ସହାୟତାରେ ମାନସଙ୍କ ଚିକିତ୍ସା ଡ଼ାକ୍ତରଖାନାରେ କରାଯିବ ବୋଲି ସୂଚନା ମିଳିଛି ।


ମାନସଙ୍କୁ ପରିବାର ଲୋକେ ଡାକ୍ତରୀ ଟିମ୍‌କୁ ଦେଖାଉଛନ୍ତି।

# କଲ୍ୟାଣ ମଣ୍ଡପରେ ତାଲା ଝୁଲୁଛି

ଭାପୁର,୧୮।୮(ଭରତ କୁମାର ବେହେରା )

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବଡସହରା ପଞ୍ଚାୟତରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଲା କଲ୍ୟାଣ ମଣ୍ଡପ। ହେଲେ ନିର୍ମାଣ ପରେ ଥରୁଟିଏ ବି କାମରେ ଲାଗିନାହିଁ । ବଡସହରା ପଞ୍ଚାୟତ ଢୋଲଚଣ୍ଡିଠାରେ ଥିବା ଏହି କଲ୍ୟାଣ ମଣ୍ଡପରେ ଏବେ ଝୁଲୁଛି ତାଲା । ଉକ୍ତ କଲ୍ୟାଣ ମଣ୍ଡପ ଭୂତକୋଠି ପାଲଟିଥିବା ଗ୍ରାମବାସୀ କହିଛନ୍ତି । ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । କାନ୍ଥରୁ ରଙ୍ଗ ଛାଡିଲାଣି । କଲ୍ୟାଣ ମଣ୍ଡପ ପରିସର ଅନାବନା ଗଛ ଉଠି ଜଙ୍ଗଲ ଭ୍ରମ ସୃଷ୍ଟି କରୁଛି । ବିଭିନ୍ନ ସ୍ଥାନରେ ଗଛ ଲତା ମାଡି ଗଲାଣି । କବାଟ ଝରକା ଭାଙ୍ଗି ଯାଇଛି।

ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଏହି କଲ୍ୟାଣ ମଣ୍ଡପ କୋଠାଟି ବଡସହରା ପଞ୍ଚାୟତ ପକ୍ଷରୁ ୨୦୧୫ରେ ନିର୍ମାଣ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ସେହି କଲ୍ୟାଣ ମଣ୍ଡପ ଫାଟକରେ ତାଲା ଝୁଲି ରହିଛି। ଏହାକୁ ନେଇ ବଡସହରା ପଞ୍ଚାୟତର ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମର ପୂଜକ କୃଷ୍ଣ ଚନ୍ଦ୍ର ଦାଶ କୁହନ୍ତି, କଲ୍ୟାଣମଣ୍ଡପକୁ ଆଜି ପର୍ଯ୍ୟନ୍ତ କେହି ଖୋଲି ନାହାନ୍ତି । ଗ୍ରାମବାସୀ ଏ ସଂକ୍ରାନ୍ତରେ ଜିଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି ହେଲେ କୌଣସି ସୁଫଳ ମିଳିନାହିଁ । ସ୍ଥାନୀୟ ସରପଞ୍ଚ ଏଥିପାଇଁ ଦାୟୀ । କାରଣ ଏହି କଲ୍ୟାଣ ମଣ୍ଡପ ଖୋଲିଲେ ଗୋପାଳ ପ୍ରସାଦ ମନ୍ଦିରରେ ବିବାହ, ବ୍ରତଘର କମି ଯିବ । ସେଠାରେ ଗହଳି କମିଯିବା ଭୟରେ ତାଲା ଖୋଲୁନାହାନ୍ତି। ଏନେଇ ପଞ୍ଚାୟତର ପୂର୍ବତନ ଜନପ୍ରତିନିଧି କୁହନ୍ତି, ୨୦୧୭ରେ ୩୫ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମାଣ ହୋଇଥିଲା।


ତାଲା ପଡ଼ିଥିବା କଲ୍ୟାଣମଣ୍ଡପ।

### ଅଭିଯୋଗ ପରେ ବି କାମରେ ଲାଗୁନି

କୋଭିଡ ସମୟରେ ରହିବା ପାଇଁ ଉକ୍ତ କଲ୍ୟାଣ ମଣ୍ଡପରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବିଦ୍ୟୁତ୍ ସଂଯୋଗ ସହିତ ଓ ବୋରିଂ କରାଯାଇଥିଲା । ଏହାପରେ ଆଜି ପର୍ଯ୍ୟନ୍ତ ସେହି କଲ୍ୟାଣ ମଣ୍ଡପର ଫାଟକ ଖୋଲାଯାଇନାହିଁ । ସ୍ଥାନୀୟ ସମିତି ସଭ୍ୟ ପ୍ରାଣକୃଷ୍ଣ ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୁଁ ଶୁଣିଛି ଏହି କଲ୍ୟାଣ ମଣ୍ଡପ ପାଇଁ ପ୍ରଥମେ ବିଲ ହୋଇଥିଲା ପରେ କାମ ଆରମ୍ଭ ହୋଇଥିଲା। ବୋଧହୁଏ କାମ ଶେଷ ହୋଇ ନ ଥିବାରୁ ତାଲା ଝୁଲି ରହିଛି। ବଡସହରା ଗ୍ରାମବାସୀ କହିଛନ୍ତି, ବର୍ତ୍ତମାନର ସରପଞ୍ଚ କଲ୍ୟାଣ ମଣ୍ଡପ ଭଡ଼ା ପାଇଁ ବାର୍ଷିକ ୪୦ହଜାର ଟଙ୍କା ମାଗିଥିଲେ । ଗ୍ରାମବାସୀ ମନା କରିବାରୁ ଚାବି ଦେଇ ନ ଥିଲେ। ଏନେଇ ପଞ୍ଚାୟତର ପିଇଓ ରାଧାଶ୍ୟାମ ମାଝିଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଜିଲା ପ୍ରଶାସନ ତରଫରୁ ବାର୍ଷିକ ୪୦ହଜାର ଟଙ୍କା ଭଡ଼ା ପାଇଁ ଧାର୍ଯ୍ୟ କରାଯାଇଥିଲା। ହେଲେ କେହି ରାଜି ନ ହେବାରୁ ତାଲା ପଡିଛି। ସ୍ଥାନୀୟ ସରପଞ୍ଚ ବଜ୍ରକିଶୋର ଆଲୁକ କହିଛନ୍ତି, ଏହା ଭଡ଼ା ଲାଗୁଛି। ସେ ଦୁଇଥର ୮ଶହ ଟଙ୍କାରେ ସେ ଭଡ଼ା ଦେଇଛନ୍ତି । ହେଲେ ଗ୍ରାମବାସୀ ଏହାକୁ ଖଣ୍ଡନ କରିଛନ୍ତି। ଦୀର୍ଘ ବର୍ଷ ଧରି ସର୍ବସାଧାରଣଙ୍କ ପାଇଁ ଲକ୍ଷାଧିକ ଟଙ୍କାରେ ନିର୍ମିତ ଏହି କଲ୍ୟାଣ ମଣ୍ଡପ କାହା ସ୍ୱାର୍ଥରେ ବୋଲି ବୁଦ୍ଧିଜୀବିମାନେ କହିଛନ୍ତି । କଲ୍ୟାଣ ମଣ୍ଡପରେ ତାଲା ଝୁଲୁଥିବା ବେଳେ ସାଧାରଣ ଲୋକେ ବିବାହ, ବ୍ରତ ପାଇଁ ଚଢା ଦରରେ ହୋଟେଲ ଓ ଘରୋଇ ମଣ୍ଡପ ଭଡ଼ା ନେଉଛନ୍ତି । ସାଧାରଣ ଲୋକଙ୍କ ଟିକସ ଅର୍ଥକୁ ଏଭଳି ବରବାଦ କରିବା ପଞ୍ଚାୟତର କେଉଁ ଯୋଜନାରେ ଅନ୍ତର୍ଭୁକ୍ତ ବୁଝା ପଡୁନି । ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ତାଲା ଖୋଲି ଗ୍ରାମବାସୀଙ୍କୁ ହସ୍ତାନ୍ତର କରିବାକୁ ଦାବି ହୋଇଛି।

